ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୧୭

# ଋଣ ବୋଝରେ ମଧ୍ୟବିତ

ଭାରତର ଅର୍ଥନୈତିକ ଅଭିବୃଦ୍ଧି ପରିମାଣ କ୍ରୟ ଓ ବ୍ୟୟ ଉପରେ ନିର୍ଦ୍ଧାରଣ କରାଯାଇଥାଏ । ତେବେ ସାଂପ୍ରତିକ ବ୍ୟୟ କରିବାର ଏକ ଉଦ୍‌ବେଗଜନକ ସଂକେତ ପ୍ରଦାନ କରେ । ଭାରତୀୟମାନେ ସେମାନଙ୍କର ଆୟର ପ୍ରାୟ ଏକ ତୃତୀୟାଂଶ ଋଣ ପରିଶୋଧରେ ବିନିଯୋଗ କରିଥାନ୍ତି । ଏହା ସେମାନଙ୍କର ଋଣ ଭାର ବୃଦ୍ଧି ପାଇବା ସହ ସେମାନଙ୍କ ଅର୍ଥନୈତିକ ସ୍ଥିରତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ନିୟୁତ ନିୟୁତ ଭାରତୀୟ ଏଭଳି ଆର୍ଥୀକ ସ୍ଥିତିରେ ଜୀବନ ବିତାଉଥିବା ଏକ ଅନୁଧ୍ୟାନକାରୀ ରିପୋର୍ଟ କହେ । ବହୁ ସଂଖ୍ୟକ ବେତନଭୋଗୀ ସେମାନଙ୍କ ମାସିକ ବେତନର ୩୫ରୁ ୪୫ ପ୍ରତିଶତ ଋଣ ପରିଶୋଧରେ ବ୍ୟୟ କରିଥାନ୍ତି । ଆର୍ଥୀକ ଉଦାରତା ଏବେ ବାଧ୍ୟକତାରେ ପରିଣତ ହୋଇଛି । ଯାହାକି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ନିସନ୍ଦେହ ଯେ, ଦିନ ଥିଲା ସଂଚୟ ଭାରତୀୟମାନଙ୍କର ସଂସ୍କୃତି ଥିବାବେଳେ ଏବେ ସହଜସାଧ୍ୟ ଋଣ ଏବଂ ଧାର, ଋଣ କରିବା ଜୀବନଶୈଳୀରେ ପରିଣତ ହୋଇଛି । କହିବା ବାହୁଲ୍ୟ ଯେ, ଉଚ୍ଚ ଆୟବର୍ଗକାରୀଙ୍କର ଭ୍ରମଣ ଓ ଆରାମ ଦାୟକ ତଥା ବିଳାଶପୂର୍ଣ୍ଣ ସମାଗ୍ରୀ କ୍ରୟ ପାଇଁ ଋଣ କରିଥିବାବେଳେ ନିମ୍ନ ଆୟକାରୀ ବର୍ଗ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବାରେ ଚିକିତ୍ସା ସେବା ପାଇଁ ଔଷଧ କିଣିବା ପାଇଁ ଧାର, କରଜ କରିବା ପାଇଁ ବାଧ୍ୟ ହୋଇଥାନ୍ତି । ଅନ୍ୟପକ୍ଷରେ ପରିବାରର ସଂଚୟ ଗତ ପାଂଚ ବର୍ଷ ମଧ୍ୟରେ ଆଶାତୀତ ଭାବେ ନିମ୍ନଗାମୀ ହୋଇଛି । ଯାହାକି ଜିଡିପିର ୫.୧ ପ୍ରତିଶତ ଥିବା କୁହାଯାଇଛି । ଭାରତର ପରମ୍ପରାଗତ ସଂଚୟ ସଂସ୍କୃତି ଏବେ ବିପଦଜନକ ସ୍ଥିତିରେ ବୋଲି କୁହାଯାଏ । ଭାରତୀୟଙ୍କର ଆୟ ବଢୁଥିବା ସତ୍ତ୍ୱେ ବ୍ୟକ୍ତିଗତ ଋଣ ବାର୍ଷିକ ୧୩.୭ ପ୍ରତିଶତରେ ପହଁଚିଛି । ବେତନ ବୃଦ୍ଧି ସତ୍ତ୍ୱେ ସେମାନେ କିପରି ଆର୍ଥୀକ ଚାପରେ ଥିବା, ତାହା ବେଶ ସ୍ପଷ୍ଟ ଅନୁମେୟ । ଗତ ୬ମାସ ମଧ୍ୟରେ ହାରାହାରୀ ମାସିକ ବେତନ ଅଭିବୃଦ୍ଧି ୯.୧ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ବୃଦ୍ଧି ପାଉଥିବା ଋଣ ସ୍ତର ଦର୍ଶାଏ ଯେ, ଦୃତ ବେଗରେ ବ୍ୟୟ ମଧ୍ୟ ବଢିବାରେ ଲାଗିଛି । କେବଳ ଏତିକି ନୁହେଁ, ଭାରତୀୟମାନେ 'ଋଣ କରି ଘିଅ ଖାଇବା' ନୀତିକୁ ଆପଣାଇ ନେଇଥିବା ମନେହୁଏ । ଋଣରେ ଘରକରଣା ସାମଗ୍ରୀ କ୍ରୟ କରିବା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏବେ ପ୍ରତି ଭାରତୀୟଙ୍କ ଅଭ୍ୟାସରେ ପରିଣତ ହୋଇଗଲାଣି, ବିଶେଷକରି ଗାଡି ଠାରୁ ଆରମ୍ଭ କରି ବିଭିନ୍ନ ଆରାମ ଦାୟକ ସାମଗ୍ରୀ କିଣିବା ପ୍ରତ୍ୟେକଙ୍କର ଆଭିମୁଖ୍ୟ ହୋଇଯାଇଛି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ । ତେବେ କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଋଣ ଭାର ମଧ୍ୟ ଗଡି ଚାଲିଛି । ଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଋଣ ଭାର ୧୦୫ ଲକ୍ଷ କୋଟିକୁ ଅତିକ୍ରମ କରିଥିବା ସରକାରୀ ରିପୋର୍ଟ ପ୍ରକାଶ କରିଥିଲେ ମଧ୍ୟ ରାଜ୍ୟ ସରକାରମାନେ ମଧ୍ୟ ନିଜର ଆବଶ୍ୟକତା ପାଇଁ ଋଣ କରିଥାନ୍ତି । ଉଦାହରଣ ସ୍ୱରୁପ ଗତ ୨୪ବର୍ଷ ମଧ୍ୟରେ ବିଜେଡି ସରକାର ୯୧ ହଜାର ଟଙ୍କା ଋଣ କରିଥିବାବେଳେ ଗତ ୮ମାସ ମଧ୍ୟରେ ବିଜେପି ସରକାରଙ୍କ ଋଣ ପରିମାଣ ୯୬ହଜାର କୋଟି ହୋଇଥିବା କୁହାଯାଇଛି । ଏହା ନିସନ୍ଦେହ ଯେ, ବିଭିନ୍ନ ମାଗଣା ଯୋଜନା ଯୋଗୁଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଋଣ ଭାର ବଢିଚାଲିଛି । ଆମ ରାଜ୍ୟରେ ମୁଣ୍ଡପିଛା ଋଣ ଭାର ୨୦ହଜାର ଟଙ୍କାରେ ପହଁଚିଥିବା ସରକାରୀ ରିପୋର୍ଟ କହେ । ମାଗଣା ଯୋଜନା, ସରକାରଙ୍କ ଲଗାମଛଡା ବ୍ୟୟ ଏବଂ ଋଣ ଯୋଗୁଁ ଋଣ ଭାର ବଢିବା ସ୍ୱାଭାବିକ । ଏଥିରୁ ସରକାର କ୍ଷାନ୍ତ ହେବା ଜରୁରୀ । ଅନ୍ୟଥା ଶ୍ରୀଲଙ୍କା ପରିସ୍ଥିତି ଉପୁଜିବା କିଛି ଅସମ୍ଭବ ନୁହେଁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ
ମୋବାଇଲ ନଂ-୭୯୭୮୬୬୬୪୦୩

# କିଶୋରୀ ଚରଣ ଦାସ 'ଠାକୁର ଘର'ର ସ୍ରଷ୍ଟା

ଆଧୁନିକ ଓଡ଼ିଆ କଥା ସାହିତ୍ୟରେ କିଶୋରୀ ଚରଣ ଦାସ ଏକ ସୁପରିଚିତ ନାମ । ଗତ ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଆ ଗଳ୍ପ ସାହିତ୍ୟର ଗତି ଯେତେବେଳେ ଧୀର ହୋଇଯାଇଥିଲା ଏବଂ ଯେତେବେଳେ ରାଜକିଶୋର ରାୟ, ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ପ୍ରବୀଣ କଥାକାରମାନେ ବିଶ୍ରାମରତ ଅବସ୍ଥାକୁ ଆସିଯାଇଥିଲେ, ସେତିକି ବେଳେ ଯେଉଁମାନେ କଥା ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରି, ଏହାର କଳେବର ବୃଦ୍ଧି କରାଇଥିଲେ, ସେମାନଙ୍କ ମଧ୍ୟରେ କିଶୋରୀ ଚରଣ ଅନ୍ୟତମ । ସ୍କୁଲରେ ପଢୁଥିବା ବେଳେ କବିତା ଲେଖାରୁ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା । ସେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ । ତେବେ ମୁଖ୍ୟତଃ ଗଳ୍ପ ଓ ଉପନ୍ୟାସ ପାଇଁ ସେ ଅବିସ୍ମରଣୀୟ ରହିବେ । ପରଦା ତଳେ ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପ । ଏହା ନବୀନ ପତ୍ରିକାରେ ପ୍ରକାଶିତ ହୋଇଥିଲା । କବିତାରୁ ଗଳ୍ପ କ୍ଷେତ୍ରକୁ ଲମ୍ଫ ପ୍ରସଙ୍ଗରେ ଏକଦା ଏକ ସାକ୍ଷାତ୍‌କାର ଅବସରରେ ସେ କହିଥିଲେ ସେ ଯାହା କହିବାକୁ ଚାହୁଁଛନ୍ତି, ତାହା ଅଳ୍ପରେ ସାରିହେବନାହିଁ । ତେଣୁ ସେ କ୍ଷେତ୍ର ପରିବର୍ତ୍ତନ କରିଥିଲେ । ଏହା ସତ୍ତ୍ୱେ କବିତା ଲେଖା ସଂପୂର୍ଣ୍ଣ ଛାଡ଼ିପାରି ନଥିଲେ । ଲେଖିବାକୁ ଭଲଲାଗେ, ତେଣୁ, ସେ ଲେଖୁଥିଲେ । ତାଙ୍କ ଲିଖିତ ଉପନ୍ୟାସ ସଂଖ୍ୟା ସାତ ଏବଂ ଗଳ୍ପ ସଂକଳନ ସଂଖ୍ୟା କୋଡ଼ିଏ । ସମୟ ନାହିଁ ତାଙ୍କର ଆତ୍ମଚରିତ । କଟକର ଖଟବିନ ସାହିରେ ଜନ୍ମ ହୋଇଥିବା କିଶୋରୀ ଚରଣଙ୍କର ଶୈଶବ ଓ କୈଶୋର ଓଡ଼ିଶାର ବିଭିନ୍ନ ସ୍ଥାନରେ କଟିଥିଲା । କାରଣ, ପିତା ଥିଲେ ସରକାରୀ ଚାକିରିଆ । ବଦଳି ଯୋଗୁଁ ବିଭିନ୍ନ ସ୍ଥାନରେ କିଛି କିଛି କାଳ ରହିବାକୁ ପଡୁଥିଲା । କେନ୍ଦ୍ରାପଡ଼ା ହାଇ ସ୍କୁଲରୁ ମାଟ୍ରିକ, ରଭେନ୍ସାରୁ ସ୍ନାତକ ପରେ ସେ



ଡ଼ଃ.ଅରୁନ୍ଧତୀ ଦେବୀ

ପାଟନା ବିଶ୍ୱବିଦ୍ୟାଳରେ ଇତିହାସ ବିଷୟରେ ସ୍ନାତକୋତର ପଢ଼ିଥିଲେ ।

ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ତିନିବର୍ଷ ପରେ ଇଣ୍ଡିଆନ୍ ଅଡ଼ିଟ୍ ଆଣ୍ଡ ଏକାଉସ୍ ସର୍ଭିସରେ ଯୋଗ ଦେଇଥିଲେ । ବତିଗତ ଜୀବନର ପ୍ରାୟ କୋଡିଏ ବର୍ଷ କଟିଥିଲା କାଲକାତା ଓ ଦିଲ୍ଲୀରେ । କିଛି କାଳ ବିଦେଶରେ ମଧ୍ୟ ରହିଥିଲେ । ତାଙ୍କର ଗୁଡ଼ିଏ ସାହିତ୍ୟର ସୃଷ୍ଟି ଓଡ଼ିଶା ବାହାରେ । ତଥାପି ପ୍ରାୟ ସବୁଥିରେ ଓଡ଼ିଆ ଜୀବନର ଚିତ୍ର ଦେଖିବାକୁ ମିଳେ । ଅବସର ପରେ ସେ ଜନ୍ମ ସ୍ଥାନ ଖଟବିନ ସାହିକୁ ହିଁ ଶେଷ ଠିକଣା ଭାବେ ବାଛିଥିଲେ ଏବଂ ଜୀବନର ଶେଷ ଉଣେଇଶ ବର୍ଷ ଏଠାରେ ହିଁ କଟିଥିଲା । ସ୍ୱାସ୍ଥ୍ୟଗତ କାରଣରୁ ୨୦୦୪ ଅଗଷ୍ଟ ଆଜିର ଦିନରେ ଦିଲ୍ଲୀର ଏମ୍‌ସ୍‌ରେ ତାଙ୍କର ପରଲୋକ ହୋଇଥିଲା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ଦୂରଭାଷ : ୯୯୩୭୧୭୨୮୧୦

# କୃତ୍ରିମ ବୁଦ୍ଧିମତା ଓ ସ୍ୱାସ୍ଥ୍ୟ

କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆମ ଦିନଚର୍ଯ୍ୟାର ଏକ ଅଂଶ ପାଲଟିଗଲାଣି । ଆମେ କ'ଣ ଖାଇବା, କେତେବେଳେ କାହା ସହ ସାକ୍ଷାତ କରିବା ତାହା ନିଶ୍ଚିତ କରୁଛି ଏଆଇ । ଅନେକ ତ ଏବେ ନିଜକୁ ଫିଟ ରଖିବା ପାଇଁ ଜିମ ଯାଉନାହାନ୍ତି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆମର ଫିଟନେସ ଟ୍ରେନର ଦାୟିତ୍ୱ ମଧ୍ୟ ତୁଲାଉଛି । ତେବେ ଏହା ଆମ କାମକୁ, ଆମର ଜୀବନଶୈଳୀକୁ ଯେତେ ସହଜ କରୁଛି, ଏହା ଆମ ପାଇଁ ସେତିକି କ୍ଷତିକାରକ ବୋଲି ମଧ୍ୟ କହିଲେଣି ବିଶେଷଜ୍ଞ ।

ଧୀରେ ଧୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଆମ ଜୀବନ ଶୈଳୀକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି । ଆମେ କେବେ କାହାକୁ ଭେଟିବୁ ? ଏହାକୁ ନେଇ ମିଟିଙ୍ଗ ନିର୍ଦ୍ଧାରଣ କରିବା ଠାରୁ ଖାଦ୍ୟପେୟ ଏଆଇ ଦ୍ୱାରା ନିଶ୍ଚିତ କରାଯାଉଛି । ଆଗାମୀ ସମୟରେ ଏହି ଟ୍ରେଣ୍ଡ ଅଧିକ ବ୍ୟାପକ ହେବାକୁ ଯାଉଛି । କାରଣ ଏଆଇ ଏବେ ଫିଟନେସ କୋଚର କାମ କରିବା ଆରମ୍ଭ କରିଛି । ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଜିମ ଯାଇ ୱାର୍କଆଉଟ କରିବାକୁ ସମୟ ନାହିଁ । ଏଥିରେ ସମୟ ମଧ୍ୟ ବର୍ବାଦ । ଏବେ ଅନେକ ଫିଟନେସ ଆପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯୋଡ଼ା ଯାଉଛି । ଏହି ଆପଗୁଡ଼ିକ ଆପଣଙ୍କ କ୍ଷମତା, ଲକ୍ଷ୍ୟ ଏବଂ ଉପକରଣକୁ ଧ୍ୟାନରେ ରଖି କଷ୍ଟମାଇଜଡ଼ ୱାର୍କଆଉଟ ଯୋଜନା ପ୍ରସ୍ତୁତ କରୁଛି । ଏହି ଏଆଇ ଆଧାରିତ ଆପ ଗୁଡ଼ିକର ସବୁଠୁ ବିଶେଷକଥା ହେଉଛି ଏହା ଉପଭୋକ୍ତାଙ୍କ ଡାଟାକୁ ନେଇ କହିପାରିଥାଏ କେଉଁ ୱାର୍କଆଉଟ ସେମାନଙ୍କ ପାଇଁ ଉପଯୋଗୀ ଏବଂ କେଉଁଟା ନୁହେଁ । ଗୋଟିଏ ୱାର୍କଆଉଟ ସର୍ତ୍ତକୁ ପୁରା କରିବା ପରେ ଏହି ଏଆଇ ଆଧାରିତ ଆପ ସ୍ୱୟଂ ଚାଳିତ ଭାବରେ ଆଗାମୀ ପ୍ରଶିକ୍ଷଣ ସର୍ତ୍ତକୁ କଷ୍ଟମାଇଜଡ଼ କରିଥାଏ । ଏହି ୱାର୍କଆଉଟ ଆପ ଗୁଡ଼ିକରେ ଅନେକ ଫିଚର୍ସ ସାମିଲ ଥାଏ । ୱାର୍କଆଉଟ କରିସାରିବା ପରେ ଫିଡବ୍ୟାକ ହିସାବରେ କହିବାକୁ ହୋଇଥାଏ, ବ୍ୟାୟାମ କରି ସାରିବା ପରେ ଆପଣ କିପରି ଅନୁଭବ କରୁଛନ୍ତି ? ଆପଣ କେତେ ସମୟରେ ୱାର୍କଆଉଟ ପୁରା କରିଛନ୍ତି ? ଆପଣ କେତେ ଓଜନ ଉଠାଇଛନ୍ତି ଆଦି ସାମିଲ ଥାଏ । ଫିଟନେସ ଏବଂ ୱାର୍କଆଉଟ ଉପରେ ନଜର ରଖିବା ପାଇଁ ସ୍ମାର୍ଟୱାଚର ଉପଯୋଗ ବହୁତ ବଢ଼ିଛି । ଏହା ସାହାଯ୍ୟରେ ଜଣେ ବ୍ୟକ୍ତି କଷ୍ଟମାଇଜଡ଼ ନୂଆ ୱାର୍କଆଉଟ ତିଆରି କରିବା ପାଇଁ ତାଙ୍କର ହାର୍ଟ ରେଟ ଏବଂ କ୍ୟାଲୋରି ବର୍ନ ପରି ଡାଟାର ସାହାଯ୍ୟ ନେଉଛନ୍ତି । ବର୍ତ୍ତମାନ ସମୟରେ ଏହି ୱାର୍କଆଉଟ ଆପସ୍ ଗୁଡ଼ିକ ପାଖରେ କୋଟି କୋଟି ସଂଖ୍ୟାର ୟୁଜର୍ସ ଅଛନ୍ତି । ଆଗାମୀ ସମୟରେ ଏହି ପ୍ରକାର ୱାର୍କଆଉଟ ଆପ୍ସ ଗୁଡ଼ିକ ଅଧିକ ଉନ୍ନତ ହେବ । ଯାହା ସାହାଯ୍ୟରେ ଜଣେ ବ୍ୟକ୍ତିକୁ ସେହି ଆଧାରରେ ଆହୁରି ଅଧିକ କଷ୍ଟମାଇଜଡ଼ ୱାର୍କଆଉଟ ତିଆରି କରିବାରେ ସାହାଯ୍ୟ କରିବ । ରିସର୍ଚ୍ଚ ରିପୋର୍ଟ ଏବଂ ପରିସଂଖ୍ୟାନ ଦର୍ଶାଉଛି ଯେ ୨୦୨୭ ସୁଦ୍ଧା ଫିଟନେସ ଆପ ବଜାର ୧୪.୬୪ କୋଟି ଡଲାରରେ ପହଂଚିବ ଏବଂ



ଡାକ୍ତର ସମ୍ରାଟ କର

୨୦୨୪ରେ ଫିଟନେସ ଆପ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୧୦.୦୨ କୋଟିରେ ପହଂଚ ପାରିବ । ଘରେ ୱାର୍କଆଉଟ କରିବା ହେଉ କିମ୍ବା ବିଭିନ୍ନ ଆପ୍ସ ସାହାଯ୍ୟରେ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଫିଟନେସ ପାଇଁ ଏବେ ଅନେକ ଲୋକ ଆର୍ଟିଫିସିଆଲ ଇଲିଜେନ୍ସ ଉପରେ ନିର୍ଭର କରୁଛନ୍ତି ।

ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ବ୍ୟକ୍ତିକୁ ଧ୍ୟାନରେ ରଖି ଏପରି ଏଆଇ ଥେରାପିଷ୍ଟ ତିଆରି କରାଯାଉଛି, ଯେଉଁଥିରେ ବ୍ୟକ୍ତି ନିଜ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିପାରୁଛି । ଏହାର ଅର୍ଥ ମାନସିକ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ଥେରାପି ବି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ମାଧ୍ୟମରେ ଉପଲବ୍ଧ ହେଉଛି । ମାନସିକ ସ୍ୱାସ୍ଥ୍ୟ ପାଇଁ ଏଆଇ ଉଇଜା, ହେ ଏବଂ ୱାବୋଟ ପରି ଆପ୍ସ ଜରିଆରେ ଥେରାପି କରାଯାଉଛି । ଯେତେବେଳେ ଏହି ଆପ ଥେରାପି ପ୍ରୋସେସ ଆରମ୍ଭ କରିଥାଏ ଏହା କିଛି ପ୍ରଶ୍ନ ସେଟ କରିଥାଏ ଯାହାକୁ ଲୋକମାନେ ନିଜେ ବାଛିଥାନ୍ତି । ଏହି ଆପ୍ସ ଗୁଡ଼ିକ ସଂଜ୍ଞାତ୍ମକ ବ୍ୟବହାର ଥେରାପିରୁ ପ୍ରେରିତ । ଏହା ଚିନ୍ତା ଅବସାଦକୁ ଦୂର କରିବା ପାଇଁ ଲୋକଙ୍କ ଭାବିବା ଏବଂ ବ୍ୟବହାରର ଶୈଳୀକୁ ବଦଳିବାକୁ ପ୍ରେରିତ କରିଥାଏ । ତେବେ ଏହା ବ୍ୟତୀତ ମଧ୍ୟ ଆହୁରି ଏଆଇ ଥେରାପିଷ୍ଟ ଅଛି ଯାହା ଯୁବ ପିଢ଼ିଙ୍କ ଭିତରେ ଖୁବ ଲୋକପ୍ରିୟ ହୋଇପାରିଛି । ସେଥିରୁ ଗୋଟିଏ ହେଉଛି ସାଇକୋଲୋଜିଷ୍ଟ । ହ୍ୟାରିପୋଟର, ଏଲନ ମସ୍କ, ବେୱାନ୍ସ, ସୁପର ମାରିୟୋ ଏବଂ ଭ୍ଲାଦମିର ପୁଟିନ ଏହି ନାମ ଗୁଡ଼ିକ ହେଉଛି ସେହି ଲକ୍ଷ ଲକ୍ଷ କୃତ୍ରିମ ବୁଦ୍ଧିମତା ବ୍ୟକ୍ତିତ୍ୱର କିଛି ନାମ ଯାହା ସହ କ୍ୟାରେକ୍ଟର, ଏଆଇରେ କଥାବାର୍ତ୍ତା ହେବା ସମ୍ଭବପର । ଏହା ଏମିତି ଏକ ଲୋକପ୍ରିୟ ମଂଚ ଯେଉଁଠାରେ କେହି ବି କାଳ୍ପନିକ ଏବଂ ବାସ୍ତବିକ ଲୋକଙ୍କ ନାମରେ ଚାଟବଟ ତିଆରି କରିପାରିବେ । ସାଇକୋଲୋଜିଷ୍ଟ ଆପ ମଧ୍ୟ କ୍ୟାରେକ୍ଟର ଏଆଇ ପରି କାମ କରିଥାଏ । କ୍ୟାରେକ୍ଟର, ଏଆଇ ବି ଚାଟବଟ ଚାଟଜିପଟି ପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକନିକର ବ୍ୟବହାର କରିଥାଏ । କିନ୍ତୁ ଏବେ କ୍ୟାରେକ୍ଟର, ଏଆଇ ଚାଟବଟ ତୁଳନାରେ ସାଇକୋଲୋଜିଷ୍ଟ ନାମକ ଚାଟବଟ ଅଧିକ ଲୋକପ୍ରିୟ ହେଉଛି । ସାଇକୋଲୋଜିଷ୍ଟକୁ ବ୍ଲେଜମ୍ୟାନ ୯୮ ନାମକ ଜଣେ ୟୁଜର ବର୍ଷକ ପୂର୍ବେ ତିଆରି କରିଥିଲେ । ଏହି ଚାଟବଟରେ ଏଯାଏ ୭୮ ମିଲିୟନ ମେସେଜ ସେୟାର କରାଯାଇଛି । କ୍ୟାରେକ୍ଟର, ଏଆଇ ବା ବ୍ଲେଜମ୍ୟାନ୯୮ ଏହି ଚାଟବଟରେ କେତେ ଉପଭୋକ୍ତା ଅଛନ୍ତି ତାହା ପ୍ରକାଶ କରି ନାହିଁ । କିନ୍ତୁ ଏହା ଅନୁଯାୟୀ ପ୍ରତିଦିନ ୩.୫ ମିଲିୟନ ଲୋକ ଏହି ସାଇଟକୁ ଆସିଥାନ୍ତି । ଏହି ଚାଟବଟର ପରିଚୟ ଜୀବନରେ ଆସୁଥିବା ସମସ୍ୟା ସମାଧାନରେ ସାହାଯ୍ୟ କରୁଥିବା ବ୍ୟକ୍ତି ରୂପେ ହୋଇଥାଏ । ଏଥିରେ ସମୁଦାୟ ୪୭୫ ଚାଟବଟ ଅଛି । ଯାହାର ନାମ ଥେରାପି, ଥେରାପିଷ୍ଟ, ସାଇକାଟ୍ରିଷ୍ଟ ଏବଂ ସାଇକୋଲୋଜିଷ୍ଟ । ଏମାନେ ବିଭିନ୍ନ ଭାଷାରେ ମଧ୍ୟ କଥାବର୍ତ୍ତା ହୋଇପାରନ୍ତି । ଏଥିରେ ସବୁଠୁ ଅଧିକ ଲୋକପ୍ରିୟ ହେଉଛି ମାନସିକ ସ୍ୱାସ୍ଥ୍ୟ ସହାୟକ ପରି ଥେରାପିଷ୍ଟ । ଆର ୟୁ ଫିଲିଙ୍ଗ ଓକେ ପରି ଚାଟବଟରେ ମଧ୍ୟ ୧୬.୫ ମିଲିୟନ ମେସେଜ ପ୍ରତିଦିନ ସେୟାର କରାଯାଇଥାଏ । ଏହା ବ୍ୟତୀତ ଲିମ୍ବିକ ଆକ୍ସେସ ନାମକ ଏକ ଏଆଇ ସେବାକୁ ମଧ୍ୟ ଗତ ବର୍ଷ ବ୍ରିଟେନ ସରକାର ମେଡ଼ିକ୍‌ଲ ଡିଭାଇସ ପ୍ରମାଣ ପତ୍ର ଦେଇଥିଲା । ଏହି ପ୍ରମାଣ ପତ୍ର ହାସଲ କରିଥିବା ପ୍ରଥମ ମାନସିକ ସ୍ୱାସ୍ଥ୍ୟ ଚାଟବଟ । କିନ୍ତୁ କିଛି ସ୍ୱାସ୍ଥ୍ୟ ମନୋବୈଜ୍ଞାନିକ ମତରେ ଏହିପରି ଏଆଇ ଥେରାପିଷ୍ଟ ଗୁଡ଼ିକ ରୋଗୀଙ୍କୁ ଖରାପ ପରାମର୍ଶ ଦେଇପାରେ । କିନ୍ତୁ ଚିକିତ୍ସା ଜଗତ ଏହି ଚାଟବଟ ଗୁଡ଼ିକୁ ଧୀରେ ଧୀରେ ଉପକରଣ ରୂପେ ସ୍ୱୀକାର କରିବା ଆରମ୍ଭ କରିଛନ୍ତି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ପୂର୍ଣ୍ଣ ବିକଶିତ ମଣିଷ ହେଉଛି ଈଶ୍ୱର

ଅତୀତର କର୍ମ ଫଳ ଟାଳି ଦେବା ସହଜ ନୁହେଁ । ତାହା କେବଳ ଉଚିତ କର୍ମ ଦ୍ୱାରା କରାଯାଇ ପାରିବ । ତେବେ ବର୍ତ୍ତମାନର କର୍ମଫଳକୁ ସେ ଉତମ ଶିକ୍ଷା ଦ୍ୱାରା ବଦଳାଇ ଦେଇପାରିବେ । ଈଶ୍ୱରଙ୍କ ସମେତ ସମସ୍ତ ଜୀବ ଓ ଜଡ଼ ପ୍ରତି ଶ୍ରଦ୍ଧା ଭାବ ରଖିଲେ ଜୀବନଚକ୍ରରୁ ମୁକ୍ତି ମିଳିବ । ଲୋଭାସକ୍ତ ହୋଇ କେବଳ ନେଇଯିବା ମନୋଭାବ ହେଉଛି ମଣିଷର ସବୁଠାରୁ ବଡ଼ ଶତ୍ରୁ । ତେବେ ସବୁ ଲୋକଙ୍କର ଅହଂକାର ଏବଂ ସ୍ୱାର୍ଥଭାବ ସମାନ ନୁହେଁ । ପୂର୍ଣ୍ଣଜ୍ଞାତ ସାରରେ ବିଧିବଦ୍ଧ ଭାବରେ ଆଧ୍ୟାତ୍ମିକ ଜୀବନ ଅତିବାହିତ କରିବାକୁ ସାଧନା କୁହାଯାଏ । ଆମେ ଏ ଦୁନିଆକୁ ସାଧନା ଉଦ୍ଦେଶ୍ୟରେ ହିଁ ଆସିଥାଉ ।

ସଂସାରରେ ଏପରି ଦୁଷ୍ଟ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର କାମ ହେଉଛି ଅନ୍ୟର କ୍ଷତି କରିବା । ସେମାନେ କ୍ଷତି କଲାବେଳେ କିଛି ବିଚାର କରନ୍ତି ନାହିଁ । ଏମାନଙ୍କୁ ଦେଖିଲେ ଘୃଣା ଲାଗେ ଏବଂ ମନକୁ ଆସେ ପ୍ରଭୁ ଯଦି ମଙ୍ଗଳମୟ ତେବେ କେଉଁ କାରଣରୁ ଏମାନଙ୍କୁ ସୃଷ୍ଟି କରିଛନ୍ତି । ଗୁରୁଦେବ କିନ୍ତୁ କୁହନ୍ତି ଚେତନାର ବିବର୍ତନ ପ୍ରକ୍ରିୟାରେ ଏମାନେ ଆବଶ୍ୟକ ବୋଲି ଏମାନଙ୍କର ଜନ୍ମ ହୋଇଛି । କାରଣ ସେମାନଙ୍କୁ ଦେଖି ଲୋକେ ଶିଖିବେ ଯେ ସେମାନଙ୍କ ପରି ହେବେ ନାହିଁ । ଭଲ-ମନ୍ଦ ବିଚାର ସେମାନେ କରିବେ । ଲୋକେ କିପରି ହେବା ଉଚିତ ଏବଂ କିପରି ହେବା ଉଚିତ ନୁହେଁ । ଯଦି ଜଣେ ମନ୍ଦ ବିଷୟରେ ନଜାଣେ ତେବେ ସେ ଭଲ ହୋଇପାରିବ ନାହିଁ । ତେଣୁ କୁହାଯାଏ ଈଶ୍ୱରଙ୍କ ଦୁନିଆରେ ସମସ୍ତଙ୍କର ଆବଶ୍ୟକତା ଅଛି । ସାଧକ ମାନଙ୍କ ବିକାଶ ନିମନ୍ତେ ଈଶ୍ୱର ଦୁଷ୍ଟ ମାନଙ୍କୁ ବ୍ୟବହାର କରନ୍ତି । ଏହାର ପ୍ରୟୋଗ କରି ସେ ଆଧ୍ୟାତ୍ମିକ ସାଧକର ଏକାଗ୍ରତା ଏବଂ ବିକାଶର ପରୀକ୍ଷା କରନ୍ତି । ଗୁରୁଦେବ କୁହନ୍ତି ଯେ ପୁର୍ନଜନ୍ମ ଲାଭ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ମୃତ୍ୟୁ ଏବଂ ଈଶ୍ୱର ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୁଷ୍ଟ ସ୍ୱଭାବର ଲୋକମାନେ ନିଜର ଜୀବନକୁ ନର୍କ କରିବା ସହିତ ପାରିପାର୍ଶ୍ୱିକ ପରିସ୍ଥିତିକୁ ନର୍କରେ ପରିଣତ କରନ୍ତି ଏବଂ ପରଜନ୍ମରେ ଅତି ଦୁଃଖ ଭୋଗ କରନ୍ତି । ତେବେ ଏହି ଦୁଃଖ ସମୟରେ ସେମାନଙ୍କୁ ନଜର ଖରାପ କାମ ନିମନ୍ତେ ଅନୁତାପ କରିବାକୁ ସୁଯୋଗ ଦିଆଯାଏ । ଅନୁତାପ କଲେ ମୋକ୍ଷ ମିଳେ । ନଚେତ ଆହୁରି ଦୁଃଖ । ସେହିପରି ଅନ୍ୟଟି ହେଉଛି ଏ ଜୀବନ ଚକ୍ର ଭିତରେ ବିଭିନ୍ନ ମାୟାଜାଲ । ବୁଝିବାକୁଗଲେ ଏହି 'ମାୟାଟି ବସ୍ତୁତଃ କ'ଣ ?' ଯାହାର ପ୍ରକୃତ ସତା ନଥାଏ ଅଥଚ ଯାହା ପ୍ରକୃତ ପରି ବୋଧ ହୁଏ ତାହା ମାୟା । ଯାହା ବୁଦ୍ଧି ଭ୍ରମ ବା ମୋହଗ୍ରସ୍ତ ସୃଷ୍ଟି କରେ । କେତେକଙ୍କୁ ଭ୍ରଷ୍ଟ ମଧ୍ୟ କରିଥାଏ ତାହା ହେଉଛି ମାୟା । ମାୟାର ଅଗଣିତ ଶକ୍ତି ରହିଛି । ବ୍ରହ୍ମ ଦୃଶ୍ୟମାନ ହେବା ପରିବର୍ତେ ମାୟା ବଳରେ ଏହି ଜଗତ ଦୃଶ୍ୟମାନ ହେଉଛି । ମାୟା ସତ୍ୟ ନୁହେଁ କି ମିଥ୍ୟା ନୁହେଁ । ତାହା ସତ୍ୟତଃ ଏକ ମିଥ୍ୟା ଏବଂ ମିଥ୍ୟାତଃ ଏକ ସତ୍ୟ । ମାୟା ପ୍ରକୃତ ନୁହେଁ କି ଅପ୍ରକୃତ ନୁହେଁ ତାହା ବ୍ରହ୍ମଙ୍କ ପରି ପ୍ରକୃତ ନୁହେଁ । କାରଣ ଜ୍ଞାନଲାଭ କରିଥିବା ବ୍ୟକ୍ତି ପାଖରେ ମାୟା ଅଦୃଶ୍ୟ ହୋଇଯାଏ । ଏମିତିରେ କହିଲେ ମାୟା ଏକ ପ୍ରକାର ଇନ୍ଦ୍ରଜାଲ । ଯେତେବେଳେ ଯାଏ ଆପଣ ଏହି ଐନ୍ଦ୍ରିୟ ଜାଲିକତାକୁ ଦେଖିନଥାନ୍ତି ସେତେବେଳ ଯାଏ ଇନ୍ଦ୍ରଜାଲ ଆପଣଙ୍କୁ ବିମୋହିତ ଓ କୁହୁକ ବିସ୍ମିତ କରି ରଖିଥାଏ । ଠିକ ସେହିପରି ଆପଣ ଗୁରୁଦେବଙ୍କୁ ଚିହ୍ନି ପାରିଲେ, ଉପଲବ୍ଧିଲେ କୃପାପ୍ରାପ୍ତ ହେଲେ ଠିକ ସେହି ମୁହୂର୍ତରେ ଏହି ମାୟାର ଇନ୍ଦ୍ରଜାଲ ଉଭାନ ହୋଇଯିବ । ଆପଣ ଜାଣିପାରିବେ ଯେ ଯାହା ବିସ୍ମୟ ସୃଷ୍ଟି କରିଥିଲା ତାହା ମିଥ୍ୟା ।

ଗୁରୁଦେବ କହିଛନ୍ତି ଯେ ଯେଉଁମାନେ ଆତ୍ମ ସନ୍ତୋଷ ଲାଭ ନିମନ୍ତେ ପ୍ରୟାସୀ ସେମାନେ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ରଖିବା ଉଚିତ ଏବଂ ଇନ୍ଦ୍ରିୟ ଜନିତ ସୁଖ ପଛରେ ଧାବିତ ହେବା ଉଚିତ ନୁହେଁ । ପ୍ରଶ୍ୱାସ ନଚାଲୁଥିବା ଶରୀର ଯେପରି କୌଣସି କାର୍ଯ୍ୟର ଆସେ ନାହିଁ ଏବଂ ତାହା ପଚିସଢ଼ି ଯାଏ ଠିକ ସେହିପରି ଜୀବନରେ ଯଦି ସତ୍ୟତାକୁ ସମ୍ମାନ ପ୍ରଦର୍ଶନ କରାନଯାଏ ତେବେ ତାହା ଅତ୍ୟନ୍ତ ଦୁଃଖଦୁର୍ଦ୍ଦଶାପୂର୍ଣ୍ଣ ହୋଇପଡ଼େ । ସତ୍ୟଠାରୁ କିଛି ମହାନ ନାହିଁ ବୋଲି ଗୁରୁଦେବ ବାରମ୍ବାର କହିଛନ୍ତି । ଭଗବାନ ସତ୍ୟ ଉପରେ ଆରୂଢ଼ ସତ୍ୟ ହିଁ ଭଗବାନ । ଜୀବନର ମୌଳିକ ବିଧାନ ହିଁ ସତ୍ୟ । ସତ୍ୟ ହିଁ ଅନ୍ତିମ ପନ୍ଥା ଓ ଅନ୍ତିମ ଲକ୍ଷ୍ୟ, ମୁକ୍ତିର ସରଣୀ । ଯେଉଁମାନଙ୍କ



ଡକ୍ଟର ସୁରେଶ କୁମାର ନାୟକ

ହୃଦୟରେ ଶ୍ରଦ୍ଧାର ସ୍ରୋତ ପ୍ରବାହିତ ହେଉଛି ଏବଂ ସତ୍ୟକୁ ଯେଉଁମାନେ ଜୀବନର ସର୍ବସ୍ୱ ବୋଲି ଗ୍ରହଣ କରିନେଇଛନ୍ତି ଈଶ୍ୱର କେବଳ ସେମାନଙ୍କୁ ଦର୍ଶନ ଦେଇଥାନ୍ତି । ଜୀବନ ହେଉଛି ଈଶ୍ୱରଙ୍କ ବ୍ୟକ୍ତ ରୂପ ଚେତନାର ଏହି ସ୍ରୋତ ଆତ୍ମାନନ୍ଦର ପ୍ଲାବନ ।

ଗୁରୁଦେବ କହିଛନ୍ତି ଜଡ଼ଠାରୁ ଜୀବ ପର୍ଯ୍ୟନ୍ତ ସବୁରେ ସେ ବିଦ୍ୟମାନ । ସେ ପୁଣି କହିଛନ୍ତି ପ୍ରତ୍ୟେକ ବ୍ୟକ୍ତି ଏହି ପାପଗୁଡ଼ିକ ପ୍ରତି ସଜାଗ ରହିଲେ ଜୀବନ ଅମୃତମୟ ହୋଇଉଠିବ । ସେହି ପାପ ଗୁଡ଼ିକ ହେଲା ମିଛି କହିବ ନାହିଁ, କାହା ସଂପର୍କରେ ଖରାପ କହିବ ନାହିଁ, ପଛରେ ଥାଇ ସମାଲୋଚନା କରିବ ନାହିଁ, ଅଧିକ କହିବ ନାହିଁ, କାହାରିକୁ ହତ୍ୟା କରିବ ନାହିଁ, ଚୋରୀ କରିବ ନାହିଁ, ନିଶାପାନ କରିବ ନାହିଁ, ମାଂସ ଭକ୍ଷଣ କରିବ ନାହିଁ, ଯୌନ ବ୍ୟଭିଚାରରୁ ନିବୃତ ରହିବ, କ୍ରୋଧ କରିବ ନାହିଁ, ଲୋଭ ଠାରୁ ଦୂରେଇ ରହିବ, ବସ୍ତୁବାଦୀ ଦୁନିଆର ମୋହ ଠାରୁ ଦୂରରେ ରହିବ, ଅଧୈର୍ଯ୍ୟ ହେବ ନାହିଁ, କାହାରିକୁ ଘୃଣା କରିବ ନାହିଁ, ଅହଂକାର କରିବ ନାହିଁ, ଗର୍ବ କରିବ ନାହିଁ । ଏହାବାଦ କାହାରି ସୁଖକୁ ଈର୍ଷା କରିବ ନାହିଁ । ବରଂ ଅନ୍ୟର ସୁଖରେ ସୁଖୀ ହେବ ଏବଂ ଦୁଃଖରେ ଦୁଃଖୀ ହେବା ଉଚିତ । ଏହାଦ୍ୱାରା ଈଶ୍ୱରଙ୍କ ଶ୍ରଦ୍ଧାଭାଜନ ହେବା ସହଜ ହେବ ବୋଲି ଗୁରୁଦେବ ମାର୍ଗଦର୍ଶନ କରିଛନ୍ତି । ଆମ୍ଭେମାନେ ଈଶ୍ୱରଙ୍କର ଗୁରୁଦେବଙ୍କ ଏକ ଛଦ୍ମରୂପ ? କୌତୁକ ବଶତଃ ନିଜ ନିଜ ବେଶ ବଦଳାଇ ସଂସାରର ଜୀବନ ଚକ୍ରରେ ନୂଆ ବେଶ ଧରି କିଛି ବତିଗତ ଜୀବନ ଦାୟିତ୍ୱରେ ରହିଛି । ଅଳ୍ପ ସମୟ ଭିତରେ ଆମ୍ଭ ମାନଙ୍କୁ ନିଜର ସତା ଭୁଲି ଯିବାକୁ ପଡ଼େ । ପୂର୍ଣ୍ଣ ବିକଶିତ ମଣିଷ ହେଉଛି ଈଶ୍ୱର । ସଂସାର ଲିପ୍ତ ଈଶ୍ୱର ହେଉଛନ୍ତି ମନୁଷ୍ୟ । ବନ୍ଧନଯୁକ୍ତ ଈଶ୍ୱର ମନୁଷ୍ୟ ଓ ବନ୍ଧନ ମୁକ୍ତ ମନୁଷ୍ୟ ଈଶ୍ୱର । ତେବେ ଆମ୍ଭେମାନେ ମୂଢ଼, ମାୟାଗ୍ରସ୍ତ ସାଂସାରିକ ମଣିଷ । ଈଶ୍ୱର ହେଉଛନ୍ତି ପରିପୂର୍ଣ୍ଣ ମନୁଷ୍ୟ । ଚେତନାର ଉପଲବ୍ଧି ଏୟା ଯେ ଈଶ୍ୱର ମନୁଷ୍ୟରେ ପରିଣତ ହୋଇଛନ୍ତି ଆଉ ମଣିଷ ପୁନର୍ବାର ଈଶ୍ୱରରେ ପରିଣତ ହେବ । କାମନାଯୁକ୍ତ ଈଶ୍ୱର ହିଁ ମନୁଷ୍ୟ । କିନ୍ତୁ ମନୁଷ୍ୟ ଈଶ୍ୱର ହେଉଛନ୍ତି କାମନା ବିଯୁକ୍ତ । ଗୁରୁଦେବଙ୍କ ଦିଗଦର୍ଶନ, ଗୁରୁକୃପା ପ୍ରାପ୍ତି ଶ୍ରେଷ୍ଠତମ ସୁଖ ଶାନ୍ତି ଲାଭ ପ୍ରଦାନ କରିଥାଏ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨

# ସମରସଜ୍ଜା

ଆମେ ଜାଣୁ ଗୀତାରେ ଲେଖାଅଛି ବ୍ରାହ୍ମଣ କ୍ଷତ୍ରୀୟ ବୈଶ୍ୟ ଓ ଶୁଦ୍ର ଏଚାରି ଶ୍ରେଣୀର ମନୁଷ୍ୟ ସଂସାରରେ ଅଛନ୍ତି । ଏଥିରେ ସଂଖ୍ୟାଲଘୁ ଦୃଷ୍ଟେ ବ୍ରାହ୍ମଣ ସବୁଠାରୁ କମ ତାପରେ କ୍ଷତ୍ରୀୟ ତାପରେ ବୈଶ୍ୟ ତାପରେ ଶୁଦ୍ର କ୍ରମ ସବୁଠାରୁ ବେଶୀ ଅଛନ୍ତି ଶୁଦ୍ରଗଣ । ଏହି ଚାରି ଜାତି ମଧ୍ୟରେ ପୁଣି ବର୍ଗୀକରଣ ଅଛି । ଯଥା ଶାସନୀ ବ୍ରାହ୍ମଣ, ଜମିଦାର ବ୍ରାହ୍ମଣ, କୃଷକ ବ୍ରାହ୍ମଣ ଯଥା ସାରୁଆ ପନିଆରୀ ଏ ମଧ୍ୟତେ ନିଜେ ହଳ ବୁଲାଇ ଚାଷ କରୁଥିଲେ, ହଳୁଆ ବ୍ରାହ୍ମଣ । ବ୍ରାହ୍ମଣମାନେ ଅଗ୍ନିହୋତ୍ରୀ, ଅଗ୍ନିଜୀବି ଅନ୍ୟଜାତ ପାଟକର ଲୋକଥିଲେ ବି ଏହି ବ୍ରାହ୍ମଣ ଜାତି କିନ୍ତୁ ଯଜ୍ଞ ହୋମାଦି କ୍ରିୟା ଏ ପର୍ଯ୍ୟନ୍ତ ପୌରହିତ୍ୟ ଯାଜନ ଯାଜନ କର୍ମରେ କରୁଛନ୍ତି । ଅନ୍ୟ ଅଗ୍ନିହୋତ୍ରୀ ହେଲେ ରୋଷେଇଆ, ସୂପକାର କର୍ମ, ବଡ଼ ବଡ଼ ଭୋଜୀ ଭାତ, ହୋଟେଲରେ ଏପରି ବ୍ରାହ୍ମଣ କୁଳର ବ୍ୟକ୍ତି ରୋଷେଇ କାମ କରୁଛନ୍ତି । ଅନେକ ନିଜ ହୋଟେଲର ମାଲିକ ସାଇନ ବୋର୍ଡ଼ରେ ଲେଖାଥିବ ନନା ହୋଟେଲ ବା ଦେବତା ନାମ ସମ୍ବନ୍ଧ ହିନ୍ଦୁ ହୋଟେଲ । ପୁଣି ପୁରୋହିତ ବ୍ରାହ୍ମଣ ମାନଙ୍କ ମଧ୍ୟରେ କିଛି ବ୍ୟକ୍ତି ପ୍ରେତ କ୍ରିୟାର ଘାଟ କର୍ମ କରନ୍ତି ଏମାନେ ମଢ଼ିଆ ବ୍ରାହ୍ମଣରେ ଗଣତି ହୁଅନ୍ତି । ଅନେକ ବ୍ରାହ୍ମଣ ସ୍ୱଶୁଦ୍ଧତା ରକ୍ଷା ପାଇଁ ପାଦରେ ଚପଲ ଜୋତା ପିନ୍ଧନ୍ତି ନାହିଁ ଗୋରୁ ଟଣା ଶଗଡ଼ରେ ବସନ୍ତି ନାହିଁ । ଏପରି ବ୍ରାହ୍ମଣଙ୍କ ବ୍ୟତିତ ଅନ୍ୟ ଗୃହରେ ଭୋଜନ କରନ୍ତି ନାହିଁ । ବ୍ରତ ଉପନୟନ ବିବାହଦି କର୍ମରେ ନିମନ୍ତ୍ରଣ ରକ୍ଷା କରି ମଧ୍ୟ ପଂକ୍ତି ଭୋଜନ ସବୁ ଜାତିଙ୍କ ସହିତ ଏକତ୍ର ଭୋଜନ କରନ୍ତି ନାହିଁ । ଫଳରେ ଏହି ବୃତିଧାରୀମାନେ ବର୍ତ୍ତମାନ କକ୍ଷଚ୍ୟୁତ ସ୍ୱ ସ୍ୱ ବାସସ୍ଥାନ ଶାସନ ବାସସ୍ଥାନ ଛାଡ଼ି ଏବେ ବୁଲା ଭଉଁରିଆ ଭାବରେ ପେଟ ପୋଷିବା ପାଇଁ ଘୁରି ବୁଲୁଛନ୍ତି । ଗୋପାଳକମାନେ ଗୋଧନ ଦ୍ୱାରା ତାଙ୍କର ଜୀବିକା ଚଳାଉଥିଲେ ମଥୁରା ଗୋପ ବୃନ୍ଦାବନରେ ଗୋସମ୍ପଦ ପୂର୍ବରୁ ରହିବା ବେଳେ ବାରଣାସୀ ବି ବହୁ ଗୋ ସମ୍ପଦ ଯେ ଥିଲେ ଏକଥା ବିଶ୍ୱନାଥଙ୍କ ଆସ୍ଥାନ ଯୋଗୁ ଜଣାପଡୁଛି । ଦୁଗ୍ଧ ଦ୍ୱାରା ହିଁ ପ୍ରଭୁଙ୍କର



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅଭିଷେକ ସ୍ନାନ କାହିଁ କେତେ ଯୁଗରୁ କରାଯାଉଛି । ବାରଣାସୀରେ ଗୋପାଳକ ମାନଙ୍କର ଏକ ବିଶେଷ ମର୍ଯ୍ୟାଦା ସବୁବେଳେ ରହିଛି । ଆମ ରାଜ୍ୟରେ ବେହେରା ଏକ ବିଶେଷ ସଂଜ୍ଞା ରହିଛି । ଏହା ସହିତ ଦଳ ବେହେରା ସଂଜ୍ଞା ବି ଅଛି ସାଧାରଣତଃ ଗୋପାଳ ମାନଙ୍କର ଏବେ ବି ବେହେରାରେ ଡକାଯାଉଛି । ଏମାନେ ଗୋସମ୍ପଦ ଅଧିକାର ଦୃଷ୍ଟେ ବଡ଼ ମଧ୍ୟମ ଓ କମରେ ଆସିପାରନ୍ତି । ଗୋପାଳ ପ୍ରଜା ଚାଷଜମି ଠାରୁ ଚାରଣ ଭୂମି ବିଶେଷ ଜମିଦାର ରାଜାଙ୍କ ଠାରୁ ଆଶା କରନ୍ତି । ଆମର ଭାରତ ସ୍ୱାଧୀନତା ପରେ ଯେଉଁ ଭୂସଂସ୍କାର କାନୁନ ହେଲା କେଉଁଠି ଗୋଚର ଭୂମି ରହିଲା ନାହିଁ । ଦଣ୍ଡା ଶ୍ମଶାନର କ୍ଷେତ୍ରଫଳ ବି କମିଗଲା । ବହୁଜନ ସଂଖ୍ୟାକୁ ଅନେକ ଚାଷ ଜମିରେ ପର୍ଯ୍ୟାୟ କ୍ରମ ଚାଷକୁ ଚାଷ ପରେ ପରେ ଚାଷ, ଏ ମଧ୍ୟରେ ବିଷାକ୍ତ ଔଷଧ ଫସଲରେ ବାରମ୍ବାର ପକାଯାଉଛି । ଗୋରୁଙ୍କୁ ଆଉ ବୁଆ ଖାଇବାକୁ ଫିଟା ଯାଉନାହିଁ କି ମୁଗଚାଷ ପରେ କ୍ଷେତ୍ରକୁ ଛଡ଼ା ଯାଉନାହିଁ । ଏଣେ ପ୍ରତି ସ୍ଥଳରେ କାଞ୍ଜିଆ ଗଦା ଗୋରୁବି ଏକ ପ୍ରକାର ଜେଲଖାନା କରିବାକୁ ପଠା ଦିଆଯାଉଛି । ଲୋକେ ୧୯୯୯ ପରେ ବଳଦ ପାଳୁ ନାହାଁନ୍ତି ଲୋକେ ବୃଦ୍ଧା ହଡ଼ା ଗୋରୁକୁ ଘରେ ରଖିବା ଖର୍ଚ୍ଚାନ୍ତ କାମ ବେଲ କସେଇକୁ ପରୋକ୍ଷରେ ବିକ୍ରି କରୁଛନ୍ତି । ବେହେରା ଏକ ଦଳପତି ପଦବୀ ପ୍ରଜାଙ୍କ ପ୍ରତିନିଧି ରୂପେ ସେ ରାଜ ସରକାରରେ ପ୍ରଜାଙ୍କର ଅଭାବ ଅସୁବିଧା ଜଣାଉଁ ଥିଲେ ବର୍ତ୍ତମାନ ସରପଂଚ ଏମଏଲଏ, ଏମପି ଏପରି ପ୍ରଜା ଦଳପତି ହେଲେ ବିଭିନ୍ନ ପାଟକ ଅସୁବିଧା ଏ କେମିତି ବୁଝିବେ ? ଅର୍ଥ ନୀତିରେ ବଡ଼ ସହାୟକ ଗୃହ ପାଳିତ ପଶୁ । ମଥୁରାରୁ ଦ୍ୱାରିକା ଯାଏ ମଥୁରା ଗୋପ ଗୋପାଳମାନେ ଦ୍ୱାରିକା ଦ୍ରୁତ ସମୃଦ୍ଧ ଗୋରୁ ଛେଳି ଦ୍ୱାରା ହିଁ କହିଥିଲେ । ଏବେ ଗୋପାଳକ ମାନେ ପୂର୍ଣ୍ଣ ଅବହେଳିତ । ବାରଣାସୀରେ ଗୋପାଳ ମାନଙ୍କୁ ମରଦାର କୁହାଯାଏ । ଯେମିତି ପଂଜାବରେ ଶିଖ ମାନଙ୍କୁ ସରଦାର କୁହାଯାଏ । ଏହାର ଅତୀତ ଇତିହାସ ତର୍ଜମାରେ ଜଣାପଡ଼ିବ ବାରଣାସୀରେ ଇସଲାମିକ ଆକ୍ରମଣ ବେଳେ ଗୋଖାଦକ ଓ ଗୋପାଳକଙ୍କ ମଧ୍ୟରେ ଭୟଙ୍କର ମୁକାବିଲା ହେଉଥ

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ*




# ଶ୍ରେଷ୍ଠ ଉପହାର


ସୁଦର୍ଶନ ମହାପାତ୍ର

ଚ଼ାରିଦିନ ଲାଗି ରାକ୍ଷୀଟିଏ ତିଆରି କରିଥିଲା ଅନନ୍ୟା। ହେଲେ ମନ ବୁଝୁନଥିଲା। ରାତି ଆଠଟା ବାଜି ଯାଇଥିଲା। କଟକରୁ ଆସୁଥିବା ଶେଷ ବସ୍ ଗାଁ ରାସ୍ତା ଦେଇ କେତେବେଳୁ ଯାଇ ସାରିଲାଣି। ବୋଉର ଉଦାସ ମୁହଁ ଦେଖି ତା ମନରେ କେତେ କ'ଣ ଭାବନା ଉଙ୍କି ମାରୁଥିଲା।ଏ ବର୍ଷ ସେ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ପାରିବ ତ ?ଏମିତି ତା'ର ଗୋଟିଏ ମଧ ବର୍ଷ ମନେ ପଡୁନଥିଲା ଯେଉଁ ବର୍ଷ ଭାଇ ରାକ୍ଷୀ ପୂର୍ଣ୍ଣିମା ପୂର୍ବଦିନରୁ ଘରେ ନଥିଲେ ।

ତା ଭାବନରେ ପୂର୍ଣ୍ଣଛେଦ ପକାଇ ଫୋନରେ ରିଙ୍ଗଟୋନ ବାଜି ଉଠିଲା।ଦଉଡି ଯାଇ ଅନନ୍ୟା କଲ୍ ରିସିଭ୍ କଲା।ଭାଇ କହୁଥିଲେ - 'ଅନନ୍ୟା ,ମୋ ସୁନା ଭଉଣୀ ମନଦୁଃଖ କରିବୁନି। ମୁଁ ଆଜି ଯାଇ ପାରିଲିନି ।ଅଫିସ ରେ ବହୁତ କାମ ବାକି ଥିଲା। ସେ କାମ ସାରିବାକୁ ଅଫିସରୁ ଫାଇଲ ପତ୍ର ବି ରୁମ କୁ ନେଇ ଆସିଛି।ଚେଷ୍ଟା କରି ବି ସାରି ପାରିଲିନି।କାଲି ସକାଳୁ ଯିବି ।

ପରଦିନ ସକାଳୁ ଏଗାରଟା ପର୍ଯ୍ୟନ୍ତ ଅପେକ୍ଷା କରି ହତାଶ ହୋଇ ପଡ଼ିଲେ ଉଭୟ ବୋଉ ଓ ଅନନ୍ୟା। ଫୋନ୍ କଲା ତ ଭାଇ କହିଲେ - 'ଏଥର ରାକ୍ଷୀ ପୂର୍ଣ୍ଣମୀ ପାଇଁ ମୁଁ ଘରେ ପହଞ୍ଚି ପାରୁନି ।ବହୁତ କାମ। ସାରି ପାରୁନି ।ହେଲେ ତୁ ମୋ ରାକ୍ଷୀ ସାଇତି ରଖିଥିବୁ। ମୁଁ ଯେବେ ଯିବି ବାନ୍ଧିଦେବୁ।ଗଲା ବେଳକୁ ତୋ ପାଇଁ ଏମିତି ଉପହାର ନେଇଥିବି ଯେ ଦେଖିଲେ ତୁ ଚ଼ମକି ପଡିବୁ'' ।ବଡଭାଇଙ୍କ କଥା ଶୁଣିବା ମଧରେ ଅନନ୍ୟା ଆଖିରୁ ଝରଝର ଶ୍ରାବଣର ଧାରା ଛୁଟି ଚ଼ାଲିଥିଲା।ଭାଇ ଫୋନ୍ କାଟି ଦେଇଥିଲେ।

ପ୍ରକୃତରେ ଅନୁପ ମିଛ ହିଁ କହିଥିଲେ ଭଉଣୀକୁ। ରାକ୍ଷୀ ପୂର୍ଣ୍ଣିମା ରବିବାର ଦିନ ପଡ଼ିଥିବାରୁ ସାଙ୍ଗ ମାନଙ୍କ ଅନୁରୋଧକୁ ଏଡାଇ ନପାରି ସେ ସହରରେ ରହି ଯାଇଥିଲେ।

ଅଫିସ୍ କଲିଗ୍ ଅଜିତ କହିଥିଲା--'ଆରେ ସପ୍ତାହକ ଛଅ ଦିନ ଏଠି ଗଧ ଘୁଷୁରୀ ଭଳି ଖଟୁଛୁ।ରବିବାର ହେଲା କି ଛୁଟି ଦିନ ହେଲା ବାହାରିଲୁ ଗାଁ କୁ।କ'ଣ ନା ମୋ ମାଆ ଭଉଣୀ ମନ ଦୁଃଖ କରିବେ।''

ପ୍ରମଥ କହିଲା-'ଏବେ ମାଆ କାନିରେ ବନ୍ଧା ହୋଇଛୁ। ବାହା ହେଲେ ? ସ୍ତ୍ରୀ କାନିରେ ବନ୍ଧାହେବୁ।ଜୀବନକୁ ଚ଼ିହ୍ନିବୁ ଆଉ କେତେବେଳେ ?'

ରାଖୀପୂର୍ଣ୍ଣମୀ ଦିନ ଚ଼ାରି ବନ୍ଧୁ ଅନୁପ ରୁମରେ ଏକାଠି ହେଲେ।ଚ଼ିକେନ୍ ପକୋଡା ମୋଗ୍ଲାଇ ପରଟା ସହିତ ବ୍ଲେଣ୍ଡରସ୍ ପ୍ରାଇଡ୍ ।ଆସରଟା ବେଶ୍ ଜମିଥିଲା।ବୁଟ ଭଜା ସହ ଚୁନି ଚୁନି କଟା ହୋଇଥିବା ପିଆଜର ଚ଼ାଖଣାଟା ବ୍ଲେଣ୍ଡରସ୍ ପ୍ରାଇଡ୍ ର ସ୍ୱାଦକୁ କାହିଁରେ କଣ ବଢାଇ ଦେଉଥିଲା।ପେଗ୍ ପରେ ପେଗ୍ ପିଆଯାଉଥିଲା। କ୍ୱାର୍ଟର ପରେ କ୍ୱାର୍ଟର ସରିଯାଉଥିଲା।

ପ୍ରଥମ ପେଗ୍ ରେ ହିଁ ଅନୁପକୁ ଅସ୍ୱସ୍ତି ଲାଗିଲା।ମୁଣ୍ଡ ଝାଇଁ ମାରିଗଲା।ତଣ୍ଟି ପୋଡିଗଲା ଭଳି ଲାଗିଲା।ବାନ୍ତି ଲାଗିଲା।

ସାଙ୍ଗମାନେ ସାହସ ଦେଲେ--'ଆରେ ଏମିତି ମାଇଚ଼ିଆଙ୍କ ଭଳି କାହିଁକି ହେଉଛୁ ?ପିଇ ଚ଼ାଲ୍ ଦେଖିବୁ କି ମଜା।ଆଜିକାଲି ଝିଅମାନେ ମଧ ପିଇବାର ମଜା ପାଇଗଲେଣି।ଆଉ ତୁ କେମିତିକା ମର୍ଦଟାଏ..! ଏତିକିରେ ଡରୁଛୁ..?

ଅନୁପ ପେଗ୍ ପରେ ପେଗ୍ ପିଇ ଚ଼ାଲିଲା।ଏବେ ସେ ବେଶ୍ ଘୁମନ୍ତ ମଜାର ଆନନ୍ଦ ନେଉଥିଲା।ତାକୁ ଲାଗୁଥିଲା ଯେପରି ସେ ଆକାଶରେ ଉଡି ଉଡି ସ୍ୱର୍ଗରେ ପହଞ୍ଚି ଯାଇଛି। ନିଶାରେ ଟଳ ଟଳ ହେଉଥିଲେ ମଧ ତାକୁ ଲାଗୁଥିଲା ତା ଦେହରେ ଶତ ସିଂହର ବଳ ଖୁନ୍ଦି ହୋଇଯାଇଛି। ଭାଇଙ୍କୁ ସରପ୍ରାଇଜ ଦେବ ବୋଲି ରାକ୍ଷୀ ଟିକୁ ଧରି ଘରୁ ବାହାରି ଆସିଥିବା ଅନନ୍ୟା ବସ୍ ରୁ ଓହ୍ଲାଇ ଭାଇ ରହୁଥିବା ଘରେ ପହଞ୍ଚିଲା।ଭାଇ କୁ ହୋସ ନଥିବା ଅବସ୍ଥାରେ ଦେଖି ମନେ ମନେ ଖୁବ୍ ଅଶାନ୍ତି ହେଲା। ହେଲେ ଆଜି ଭଳି ପବିତ୍ର ଦିନରେ ଭାଇଙ୍କୁ କିଛି କହିବାକୁ ଉଚ଼ିତ ମନେକଲା ନାହିଁ। ଚୁପ୍ ଚ଼ାପ୍ ଭାଇଙ୍କ ହାତରେ ରାକ୍ଷୀ ଟିକୁ ବାନ୍ଧିଦେଲା।

ଗୋଟିଏ ଝିଅ ସାମ୍ନାରେ। ଭାଇ ତା'ର ବେହୋସ୍।ମଉକା ମିଳିଗଲା ଚ଼ାରିଜଣ କାମାନ୍ଧ ଯୁବକଙ୍କୁ। ଅନନ୍ୟା କାକୁତି ମିନତି ହେଲା।ସେମାନଙ୍କୁ 'ଭାଇ' ବୋଲି ସମ୍ବୋଧନ କଲା।

ପ୍ରମଥ କହିଲା--'ମା ପେଟର ଭଉଣୀ ଭଳିଆ କଥା କହୁଛି ?' ଅଶ୍ଳୀଳ ହସର ସମ୍ମିଳିତ ଫୁଆରାରେ ଅନନ୍ୟାର କୋମଳ ସ୍ୱର ହଜିଯାଉଥିଲା।

ମଦନିଶା ଅନୁପକୁ ଏପରି ଆବୋରି ଥିଲା ଯେ ଭଉଣୀର ସ୍ୱରଟା ଚ଼ିହ୍ନା ଚ଼ିହ୍ନା ଲାଗୁ ଲାଗୁ ପୁଣି ଅଚ଼ିହ୍ନା ଲାଗୁଥିଲା।ନିଶା ଟୁଲୁଟୁଲୁ ଆଖି ପତା ଟେକି ଝିଅଟାକୁ ଦେଖିବାକୁ ଚେଷ୍ଟା କଲା ବେଳକୁ ଚେହେରାଟା ଅସ୍ପଷ୍ଟ ଦିଶୁଥିଲା।

ପରଦିନ ସକାଳକୁ ଅନୁପ ଦେଖିଲା ବୋଉର କୋଡ଼ିଏ ସରିକି ଫୋନ୍ କଲ୍। ଫୋନ୍ କଲା ଅନୁପ।

ବୋଉ କହିଲା -'ଅନନ୍ୟା ତୋ ପାଖକୁ କାଲି ଯାଇଥିଲା ରାକ୍ଷୀ ବାନ୍ଧିବାକୁ। ଫୋନ୍ କାହିଁକି ଉଠାଉ ନାହିଁ ? ତୁ ବି ଫୋନ୍ ଉଠାଇଲୁନି। ଦୁହେଁ ଏତେ ବେପରୁଆ କେମିତି ହେଉଛ ?'

ଏବେ ଅନୁପର କାଲି ସନ୍ଧ୍ୟାର ଘଟଣା ଗୋଟି ଗୋଟି ହୋଇ ମନେ ପଡିଗଲା।ତା ହାତରେ ବନ୍ଧା ହୋଇଥିବା ରାକ୍ଷୀ ତେବେ ତା ଭଉଣୀ ଅନନ୍ୟା ବାନ୍ଧିଛି...!!!

ବିରାଟ ଗୋଟିଏ ବିସ୍ଫୋରଣରେ ଅନୁପର ଛାତିଟା ଫାଟି ଖଣ୍ଡ ଖଣ୍ଡ ହୋଇଯିବ କି..? ମନେପଡୁଥିଲା କିପରି ତା ଭଉଣୀ ପ୍ରବଳ ପ୍ରୟାସ କରି ସେ ଚ଼ାରିଜଣଙ୍କ ହାବୁଡ଼ରୁ ରକ୍ଷା ପାଇବାକୁ ଚେଷ୍ଟା କରୁଥିଲା।କିପରି ସେ ଚ଼ାରିଜଣ ଜହ୍ଲାଦଙ୍କୁ ଟପି ତା ପାଖକୁ ଆସିବାକୁ ଚେଷ୍ଟା କରୁଥିଲା।ଭାଇ ଭାଇ ଡାକି ବିକଳରେ କାନ୍ଦି କାନ୍ଦି ଅସ୍ଥିର ହେଉଥିଲା।କିନ୍ତୁ ତାକୁ ମଦନିଶାଟା ଏମିତି ଆବୋରି ରଖିଥିଲା ଯେ ସେ କେବଳ ଅର୍ଦ୍ଧଚେତନ ଅବସ୍ଥାରେ ହିଁ ପଡି ରହିଥିଲା।ଇଚ୍ଛା କରି ମଧ ଭଉଣୀକୁ କିଛି ସାହାଯ୍ୟ କରିପାରି ନଥିଲା। ଜହ୍ଲାଦ ମାନେ ଭଉଣୀକୁ ଟେକି ନେଇ ଯାଇଥିଲେ ବାହାରକୁ।

ବୋଉକୁ କି ଉତ୍ତର ଦେବ ଏବେ ଅନୁପ ?

ରାକ୍ଷୀରେ ଖଞ୍ଜା ହୋଇଥିବା କୁନି କୁନି ମିରର୍ ଭିତରେ ଗେହ୍ଲା ଭଉଣୀର ମୁହଁ ଝଲମଲ ହେବା ପରି ଦିଶୁଥିଲା।ତା ସ୍ନେହ ଶ୍ରଦ୍ଧା ସେଥିରେ ପରିସ୍ଫୁଟ ହେଉଥିଲା !!!

ଅନୁପ ଆଖିରେ ଲୁହର ଶ୍ରାବଣ। ରାକ୍ଷୀ ଭିଜୁଥିଲା ଲୁହରେ। ହଠାତ୍ ତାକୁ ଜଣା ପଡିଲା ରାକ୍ଷୀ ଭିତରୁ ଲୁହ ଝରା ଆଖିରେ ଅନନ୍ୟା ବାହାରି ଆସୁଛି।

କହୁଛି--'ଭାଇ ମୁଁ ତୁମ ହାତରେ ରାଖି ବାନ୍ଧିଲି ଅଥଚ଼ ତୁମେ ମତେ ରକ୍ଷା କରିପାରିଲନି।ହେଉ ଯାହା ହେବାର ତ ହେଲାଣି। ମୋର ଗୋଟିଏ ଅନୁରୋଧ ରଖିବ ଭାଇ। ଜୀବନରେ ଆଉ କେବେ ମଧ ମଦ ଛୁଇଁବ ନାହିଁ।ମୁଁ ଦିନେ ମରିଥାଆନ୍ତି ଆଜି ମରିଗଲି।ମୋ ମନରେ ତିଳେ ମଧ ଅବସୋସ ନାହିଁ।ତୁମ ହାତରେ ରାକ୍ଷୀ ବାନ୍ଧି ନପାରି ମରିଯାଇଥିଲେ ହୁଏତ ମୁଁ ଦୁଃଖି ହୋଇଥାଆନ୍ତି।

କିନ୍ତୁ ଦୁଃଖି ହେବି ସେହିଦିନ ଯେଉଁଦିନ ତୁମ ଆଖି ଆଗରେ ଆଉ ଗୋଟିଏ ଝିଅ ଏହିପରି ଦଶା ଭୋଗିବ।ଆଉ ଗୋଟିଏ ଛୋଟ ମିନତି- ତୁମେ କହିଥିଲ ନା ମୋ ପାଇଁ ଗୋଟିଏ ଅପୂର୍ବ ଉପହାର ରଖିଛ ? ତୁମର ସମସ୍ତ ଶକ୍ତିକୁ ଏବେ ଏଭଳି ବିପଦ ସାମ୍ନା କରୁଥିବା ଝିଅ ମାନଙ୍କୁ ରକ୍ଷା କରିବାରେ ବ୍ୟୟ କରିଦିଅ।ଏହାହିଁ ହେବ ମୋ ପାଇଁ ତୁମର ଶ୍ରେଷ୍ଠ ଉପହାର।''

*କୁଞ୍ଜବିହାରୀ ଲେନ, କଟକ*

## ତ୍ରିରଙ୍ଗା

*ରତ୍ନକାନ୍ତି ମିଶ୍ର*



ସଗର୍ବେ ଉଡଇ ଜାତୀୟ ପତାକା
ଆଜି ଏ ଦିନେ ସର୍ବତ୍ର
ଜାତୀୟ ଭାବନା ଜାତୀୟ ଚେତନା
ହୃଦେ ହୁଏ ଜାଗରିତ ॥
ତିନି ରଙ୍ଗେ ପରା ସଜ୍ଜିତ ଏ କ୍ଷେତ୍ର
ତ୍ରିରଙ୍ଗା ନାମରେ ଖ୍ୟାତ
ତା'ର ସନ୍ଦର୍ଶନେ
କୋଟି ଦେଶବାସୀ
ପ୍ରାଣ ହୁଏ ପୁଲକିତ ॥
ଉଡି ଆକାଶରେ ବିହ୍ୱଳ ପଣେ ସେ
ଗାଏ ଏ ମାଟିର ଗାଥା
ସତ୍ୟ ଶାନ୍ତି ମୈତ୍ରୀ ପ୍ରଗତି ପ୍ରତୀକ
ଦିଏ ଏକତାର ବାର୍ତ୍ତା ॥
କେଡେ ଶୋଭାମୟ
ତା'ର କଳେବର
ସତେ ଏକ ସମ୍ମୋହନ
ସ୍ୱାଧୀନ ଭାରତ ଗର୍ବ ଗୌରବ ସେ
ଏ ମାଟିର ସ୍ୱାଭିମାନ ॥
ଗାରିମା ଐଶ୍ୱର୍ଯ୍ୟେ
ସ୍ୱାଧୀନତା ଶୌର୍ଯ୍ୟେ
ତ୍ରିରଙ୍ଗା ମହିମାନ୍ୱିତ
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ ଆଜି
ସଭିଏଁ ଖୁସି ଆପ୍ଲୁତ ॥
ଜାତୀୟ ସଂହତି ମହୋତ୍ସବ ପାଳେ
ଆମ ଏ ଭାରତ ଭୂଇଁ
ସାମ୍ୟ ଭାବନାରେ ଉଦବୁଦ୍ଧ ତ୍ରିରଙ୍ଗା
ଉଡେ ଫରଫର ହୋଇ ॥

ଆଳି, କେନ୍ଦ୍ରାପଡା

## ଅଭାଗାମାନଙ୍କ ଭାଗ୍ୟ



ଅଭାଗାମାନଙ୍କ ସହିତରେ ଭାଗ୍ୟ
ନିତି ଖେଳେ ଲୁଚ଼କାଳି
ଦିନେ ନିଶ୍ଚେ ତା'ର
ଭାଗ୍ୟ ବଦଳିବ
ଅଭାଗା ହୁଅଇ ଭାଳି ।
କପାଳରେ ବିହି ଲେଖି ଦେଇଅଛି
ପକାଇ ଲେଖନୀ ଗାର
ଜନ୍ମ ପରେ ତୁହି ଅଭାଗା ହୋଇବୁ
ସବୁ ହେବ ନାରଖାର
କପାଳ ଗାରକୁ କିଏ ଲିଭାଇବ
କେ ' ଦେବ ଭାଗ୍ୟକୁ ଟାଳି ?
ଯେତେ ଯାହା କଲେ
ବଦଳଇ ନାହିଁ
କପାଳରେ ଟଣା ରେଖା
ଯେତେ ପୂଜାପାଠ ,
ଉପାସନା କଲେ
ଲିଭେନି କପାଳ ଲେଖା
ଗୋଟିଗୋଟି ଦୃଶ୍ୟ ପଡ଼ି ଯାଉଥାଏ
ଯାହାପରେ ଯାହା ପାଳି ।
ବିଚ଼ରା ଅଭାଗା ଜୀବନ ବଞ୍ଚଇ
ମରିବା ପରିକା ହୋଇ
ମନେମନେ କେତେ ସ୍ୱପ୍ନ ଆଙ୍କୁଥାଏ
ଚେଇଁ ଚେଇଁ ସିଏ ଶୋଇ
ଜାଣିଥାଏ ସିଏ ହତଭାଗାଟାଏ
ତା ଭାଗ୍ୟରେ ଲେଖା ଗାଳି ।

*ନିହଳ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ*
ମୋ: ୯୯୩୮୭୪୧୫୮୩

## ଜାତି ପ୍ରୀତି

*ଆଦ୍ୟାଶା ମହାପାତ୍ର*



ସ୍ୱାଧୀନତା ଅର୍ଥ ସ୍ୱ ?ଛାଚ଼ାରିତା
ବୁଝି ଥାନ୍ତି ଯେଉଁ ଦେଶ ଜନତା
ଦେଶ ଠୁ ଆଗରେ ନିଜର ସ୍ୱାର୍ଥ
ଯେ ଦେଶବାସୀଙ୍କ ମନେ ନିହିତ
ଧିକ୍ ସେ ଜାତି
ନାହିଁ ଯହିଁ ଦେଶ ମାତୃକା ପ୍ରୀତି ॥
ତ୍ୟାଗ ନ ଜାଣନ୍ତି ଯେ ଦେଶ ଯୁବା
ନ କରନ୍ତି ଦେଶ ଜାତିର ସେବା.
ତୋଷାମଦ କରି କାଟନ୍ତି ଦିନ
ନ ବୁଝନ୍ତି ମାନ ଆତ୍ମ ସମ୍ମାନ
ସେ ଦେଶ ଭାଗ୍ୟ
କେମିତି କୁହତ ଉଜ୍ଜ୍ୱଳ ହେବ ??
ନୀତି ଠାରୁ ଦୂରେ ଯେ ଦେଶ ନେତା
କାମ ନର୍କ ମୁଖେ ସ୍ୱର୍ଗର କଥା
ଲୁଣ୍ଠନ କରିବା ଥାଏ ମନରେ
କୁମ୍ଭୀର କାନ୍ଦଣା ଦିଶେ ଆଖିରେ
ଧନ୍ୟ ସେ ନେତା
ଦେଶସେବା ନାମେ କାଟନ୍ତି ଚ଼ିତା ॥
ବୁଦ୍ଧିଜୀବି ବୁଦ୍ଧି ଯେ ଦେଶେ ବଣା
ବିଦ୍ୱାନ ନୁହେଁ ସେ ମୂର୍ଖରେ ଗଣା
ଭାବନ୍ତି ବଞ୍ଚିଲେ ବାପାର ନାଆଁ
ସତ କହି ଦ୍ରୋହି ହୋଇବେ କିଆଁ
ହେଲେ ଏମନ୍ତ
ସ୍ଥାଣୁ ହେବ ଦେଶ ପ୍ରଗତି ରଥ ॥

*ନୂଆପଡା, କଟକ*

## ସେଇ ଚ଼ାଲାପଥ

*ସୁଧାକର ରାଉତ*



ମୁଠା ମୁଠା ସ୍ୱପ୍ନଫୁଲ
ହୋଇଯାଉ ବିଛି ତୋ ଚ଼ାଲାପଥରେ
ଯନ୍ତ୍ରଣାର ଜତୁଗୃହରେ
ଜଳୁଥିବା ମନରେ
ଢ଼େଉ ଖେଳୁ ହିମବାହର ଶୀତଳତା।
ତୋ ଆୟୁଷ ପୂର୍ଣ୍ଣ ହେଉ
ମୋ ଅନ୍ତରରୁ ନିଗିଡା ଆଶିଷରେ ।
ତଥାପି ମୁଁ ଜାଣିଛି
ଏତିକି ବି ଯଥେଷ୍ଟ ନୁହେଁ
ତୋ ଖରାବେଳ ପାଇଁ ।
ଅଧାଫୁଟା କଳି ଟି ତୁ
ଚ଼ାହିଁଛୁ ସିନିହ ବାରି ରେ
ଉଠିବାକୁ ଚେଇଁ ।
ଅଥଚ଼ କାହିଁ ବର୍ଷା !
ପ୍ରତୀକ୍ଷାରେ ବିତିଲା ଶ୍ରାବଣ
ବ୍ରହ୍ମରୁ ବ୍ରହ୍ମାଣ୍ଡ ଯାଏ
ଖାଲି ତତଲା ଲୁହର କଷଣ ।
କଣ ମୁଁ କରିପାରେ ଅବା
ସର୍ବୋପରି ନୀରବରେ ଚ଼ାହିଁ ରହେ
ତୋ ଧୂସରିତ ଜୀବନ ଚ଼ାଲାପଥରେ।

*ପ୍ରତାପ ନଗରୀ, କଟକ*
ମୋ:୮୨୪୯୯୩୨୭୯

# ଶେଷ ସନ୍ତକ


ସୁଚ଼ରିତା ମହାନ୍ତି

ବାଲକୁନିରେ ବସି ରମାମଣୀ ବାହାରକୁ ଚ଼ାହିଁ କ'ଣ ସବୁ ଦେଖୁଥାନ୍ତି ।

ମଝିରେ ମଝିରେ ବାଲକୁନିରେ ଥିବା ସୁନ୍ଦର ସୁନ୍ଦର ଫୁଲ କୁଣ୍ଡ ପାଖକୁ ଯାଇ ଫୁଲ ଗଛ ଗୁଡ଼ିକୁ ଦେଖୁଥାନ୍ତି ।

ମାର୍ଗଶୀର ମାସର ତୃତୀୟ ପାଳି ଗୁରୁବାର ତେଣୁ ଘରେ ବାହାରେ ଚ଼ାରିଆଡ଼ ? ଝୋଟି ଚ଼ିତାରେ ଭର୍ତ୍ତି।

ଠାକୁର ଘରୁ ଧୂପ,ଦୀପ,ଝୁଣା,କର୍ପୂରର ବାସ ମହମହ ହୋଇ ବାସୁଛି ।

ବୋହୂମା' ପୂଜା କରି ଲକ୍ଷ୍ମୀ ପୁରାଣ ପଢ଼ିସାରି ସମସ୍ତଙ୍କ ପାଇଁ ଖାଇବା ତିଆରି କରିବାରେ ବ୍ୟସ୍ତ ଥାଆନ୍ତି।

ହଠାତ୍ ରମାମଣୀ ପୁଅକୁ ପଚ଼ାରିଲେ ବାବୁରେ ଏଇଠି ମଣିଷ ମଲେ କେଉଁଠି ପୋଡ଼ା ହୁଅନ୍ତି କହତ ।

ନାତି ସ୍ୱସ୍ତିକ୍ କହିଲା,ମା' ଆଜି କ'ଣ ପାଇଁ ଏକଥା ପଚ଼ାରିଲ। ବାବୁ ଟିକେ ମୁରୁକି ହସିଦେଇ ପଚ଼ାରିଲା,ବୋଉ ଲ ତୋର ମଣିଷ ପୋଡ଼ିବା କଥା କାହିଁକି ମନକୁ ଆସିଲା କି ।

ମୁଁ କାହିଁ କେଉଁଠି ଦେଖିବାକୁ ପାଉନି ତ ସେଥିପାଇଁ ପଚ଼ାରିଲି।

ଆମ ଗାଁରେ କେତେ ବଡ଼ ଜାଗା ଅଛି। ମଣିଷ ମଲେ ସେଇଠିକି ସମସ୍ତେ ନେଇଯାନ୍ତି।

ଏଠି ତ ତମର ସବୁଆଡ଼ ? ବଡ଼ ବଡ଼ ଘର ।ଫାଙ୍କା ଜାଗା ଟିକେ ନାହିଁ।

ଗୋରୁଗାଈ ଛେଳି କୁକୁଡ଼ା ଚ଼ରାବୁଲା କରିବା ବି ମୁଁ କାହିଁ କେଉଁଠି ଦେଖିବାକୁ ପାଉନି।ଘାସ କି ଗଛ ଗୋଟିଏ ନାହିଁ।

ମୁଁ ମରିଗଲେ ତୁ ମୋତେ ଗାଁକୁ ନେଇଯିବୁ ।ସେଇଠି ତୋ ବାପାକୁ ନିଆଁ ଦିଆ ହେଇଥିଲା।ମୋତେ ବି ସେଇଠି ନିଆଁ ଦବୁ ।

ସ୍ୱସ୍ତିକ୍ କହିଲା,ମା' ଆଜି ପରା ଗୁରୁବାର ପୂଜା ହେଉଛି ତମେ ଏମିତି ଖରାପ କଥା କାହିଁକି କହୁଚ଼ କହିଲ ।

ନାତି କଥା ଶୁଣି ରମାମଣୀ ତା'ର ମୁଣ୍ଡକୁ ଆଉଁସି ଦେଇ କହିଲେ,ମୁଁ ପରା ବୁଢ଼ୀ ହେଇଗଲିଣି, କେତେବେଳେ ମରିମୁରା ଯିବି କିଏ ଜାଣେ ।

ବାବୁ କହିଲା,ହେଉ ହେଉ ତୁ ଆଉ ସେ କଥା ଚ଼ିନ୍ତାକରନି ।ସେ ସମୟ ଆସୁ ଦେଖାଯିବ ।

ଏଠି ଟାଉନରେ ସ୍ୱତନ୍ତ୍ର ଶ୍ମଶାନ ତିଆରି କରାହୋଇଛି । ମଣିଷ ମଲେ ସେଇଠିକି ସମସ୍ତେ ନେଇଯାନ୍ତି। ଗାଁରେ ସିନା ବେଶି ଜାଗା ଅଛି, ଟାଉନରେ କ'ଣ ଏତେ ଜାଗା ଅଛି କି।

ତୁ ସେ କଥା ଚ଼ିନ୍ତାକରନି।

ରମାମଣୀ ପୁଣି କହିଲେ,ତୁ ମୋତେ ଗାଁକୁ ନେଇଯିବୁ। ସେଇଠି ସାହି ଭାଇ ଅଛନ୍ତି।ଆମେ ଗାଁ ଲୋକମାନଙ୍କୁ ନେଇ ଚ଼ଳୁଚେ । ଭଲମନ୍ଦରେ ସମସ୍ତେ ଏକାଠି ହୁଅନ୍ତି ।ଦେଖିନୁ ତୋ ବାପାଙ୍କ କାମରେ କେତେ ଲୋକ ଆସିଥିଲେ।

ସେମିତି ଲୋକମାନଙ୍କୁ ଡାକି ଖାଇବାକୁ ଦେବୁ।

ବାବୁ କହିଲା,ହେଉ ହେଉ ତୁ ଯାହା ଇଚ୍ଛା କରିଚୁ ତାହାହିଁ ହେବ ।ଏବେ ଆଉ କିଛି ସେକଥା କହନି ।ଆଜି ଗୁରୁବାର ପୂଜା ହେଉଛି,ମାର୍ଗଶୀର ମାସରେ ଏମିତି କଥା କହନି ବୋଉ।

ରମାମଣୀ ପୁଣି କହିଲେ,ମୁଁ ଆଉ ଏଇଠି ରହିବିନି ମୋତେ କାଲି ନେଇ ଘରେ ଛାଡ଼ି ଦେଇ ଆସିବୁ । ଏତେ ଦିନ ହେଲାଣି ଏଠି ଅଛି ସିଆଡ଼ ? ଘର ଖୋଲା ମେଲା ପଡ଼ିଛି।

ବାବୁ କହିଲା,ଏଇ ମାସଟା ଯାଉ ଯିବୁ ।ତୋର କ'ଣ ଏଠି କିଛି ଅସୁବିଧା ହେଉଛି କି ଲ ବୋଉ !

ନା ନା ଅସୁବିଧା କିଛି ନାହିଁ।

ଘରଟା କଥା ଭାବୁଚ଼ି ।

ତୋର ବୟସ ହେଲାଣି ଆଉ କେତେ ଘର କଥା ବୁଝିବୁ ।

ଏବେ ତୁ ଆରାମ କର । ମୁଁ ଯାଇ ଗାଁ ଆଡ଼ ? ବୁଲିଆସିବି ।

ତୁ ଜମା ବ୍ୟସ୍ତ ହୁଅନା।

ପୂଜା ସରିଯାଉ ଭୋଗ ଖାଇ ଶୋଇବୁ। ଯଦି କୁଆଡ଼ ? ବୁଲି ଯିବାକୁ ମନହେବ କହିବୁ । ନେଇଯିବି ବୁଲେଇ ଆଣିବି ।

ଏକୁଟିଆ ବସି ଏଣୁତେଣୁ କଥା ମୁଣ୍ଡରେ ପୁରାନା।

ଘର ଭିତରୁ ବୋହୂ ଡାକ ଦେଲା, ବୋଉ ଖାଇବ ଆସ ।

ରମାମଣୀ କହିଲେ,ରହରେ ମା' ଆଉ ଟିକିଏ ଯାଉ ।ଛୁଆମାନେ ଖାଇସାରନ୍ତୁ ମୁଁ ଖାଇବି ।

ରମାମଣୀ ପୁଣି ପଚ଼ାରିଲେ ବାବୁରେ, ଏଇଠି ଲୋକମାନେ କ'ଣ କିଏ କାହା ଘରକୁ ଯାଆନ୍ତି ନାହିଁ।

ବାବୁ କହିଲା,ହଁ ଯାହାର ଯେତେବେଳେ ମନହୁଏ ଯିବା ପାଇଁ ସେମାନେ ଯାଆନ୍ତି ।ଚ଼ିହ୍ନା ପରିଚ଼ୟ ହେଲେ ସମସ୍ତେ ସମସ୍ତଙ୍କ ଘରକୁ ଯାଆନ୍ତି।

ରମାମଣୀଙ୍କ ବୟସ ପଞ୍ଚାଅଶୀ କି ଛୟାଅଶୀ ହେଲାଣି ।ବୟସ ହେଲେ ମଣିଷ ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ ।ନିଜକୁ ନିଜେ ଅସହାୟ ମଣନ୍ତି ।ସେମିତି ରମାମଣୀଙ୍କ ମନକୁ ଏମିତି କିଛି କଥା ବ୍ୟତିବ୍ୟସ୍ତ କରିପକାଏ ।ସେଇଥିପାଇଁ ସେ ଗୋଟିଏ ପରେ ଗୋଟିଏ କଥା ପୁଅକୁ ପଚ଼ାରୁଥାନ୍ତି ।

ବୁଲୁ ବିଭିନ୍ନ ପ୍ରକାରର କଥା କହି ରମାମଣୀଙ୍କୁ ବେଝେଇବା ପାଇଁ ଚେଷ୍ଟାକରେ ।

ଗାଁରେ ରାତି ପାହିଲା ମାତ୍ରେ କେତେ ଲୋକ କେତେ କଥା ।ଗହଳି ଚ଼ହଳି ସବୁବେଳେ ଲାଗିଥାଏ। ଚ଼ାଷବାସ, ପୂନେଇଁ ପର୍ବରେ ଦବନେବା ସବୁ ଚ଼ାଲେ।

ଟାଉନରେ ସେସବୁ କିଛି ନାହିଁ।

ଯେଝା କାମ ସାରି ଘର ଭିତରେ ପଶିଗଲେ।ଟାଉନର ଚ଼ାଲିଚ଼ଲଣୀ ରମାମଣୀଙ୍କୁ ଆଦୌ ପସନ୍ଦ ଲାଗୁନଥିଲା।ବାଧହୋଇ ପୁଅ ପାଖରେ ରହିବା କଥା।

ଆଖିକୁ ଠିକ୍ ସେ ନିଦ ଆସେ ନା ପେଟକୁ ଭୋକ ।

ସାନପୁଅ ପାଖକୁ ଗଲେ ସେ କେବଳ ତା' ନିଜ କଥା କହି ଅଶାନ୍ତି କରେ । ସେଥିପାଇଁ ରମାମଣୀ ସାନ ପାଖକୁ ଯିବାକୁ ଇଚ୍ଛା କରନ୍ତି ନାହିଁ।

କିଛି ଦିନ ଏମିତି ଗଡ଼ିଗଲା । ରମାମଣୀଙ୍କୁ ବୁଝେଇ ସୁଝେଇ ବାବୁ ତା' ପାଖରେ ରଖିଥାଏ । ନାତି ନାତୁଣୀ ବୋହୂ ସମସ୍ତେ ରମାମଣୀଙ୍କୁ ବେଶ୍ ଭଲପାଉଥାନ୍ତି ।

ଅଚ଼ାନକ ରମାମଣୀଙ୍କ ଦେହ ଖରାପ ହେଲା ।ପୁଅ ବୋହୂ ହସ୍ପିଟାଲ ନେଇଗଲେ।

ଡାକ୍ତର କହିଲେ,ବାର୍ଦ୍ଧକ୍ୟ ଅବସ୍ଥାରେ ଏମିତି ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଏ ।ତଥାପି ମା'ଙ୍କର ରକ୍ତ ପରୀକ୍ଷା କରିନେବା ଆବଶ୍ୟକ।

ଯାହା ଯାହା ପରୀକ୍ଷା କରିବା ପାଇଁ ଡାକ୍ତର କହିଲେ,ସବୁଗୁଡ଼ିକ ପରୀକ୍ଷା ସରିଗଲା ।ଶେଷରେ ଜଣାପଡ଼ିଲା ରମାମଣୀଙ୍କୁ କ୍ୟାନସର ହୋଇଛି।

ବୁଲୁ ଏକଥା ଶୁଣି ଅଧର୍ଯ୍ୟ ହୋଇପଡ଼ିଲା ।ବୋଉ ଯଦି ଶୁଣିବ ତାକୁ ଏ ରୋଗ ହୋଇଛି ସେ ଆଉ ବେଶି ଦିନ ବଞ୍ଚିବନି।

ବାବୁ ଲାଗିପଡ଼ିଲା ଯେମିତି ହେଉ ବୋଉକୁ ଭଲ କରିବ ।ଘରେ ସ୍ତ୍ରୀ, ପୁଅ,ଝିଅ ସମସ୍ତଙ୍କୁ ଏ ରୋଗ ବିଷୟରେ ବୋଉକୁ ନକହିବା ପାଇଁ ମନା କଲା।

ଘରକୁ ଆଣି ବୋଉର ସେବା ଯତ୍ନ କରିବାକୁ ସମସ୍ତେ ଲାଗିପଡ଼ିଲେ । କୌଣସିଥିରେ ଅବହେଳା ନଥାଏ। ଦିନ ପରେ ଦିନ ଗଡ଼ି ଚ଼ାଲିଥାଏ।

ହଠାତ୍ ଦିନେ ରମାମଣୀ ବାବୁକୁ ପାଖକୁ ଡାକି କହିଲେ,ବାପାରେ ତମେ କ'ଣ ଭାବୁଚ଼ ମୋ ରୋଗ ବିଷୟରେ ମୁଁ କିଛି ଜାଣେନି ବୋଲି।

ମୁଁ ଜାଣିଛି ମୋତେ କ୍ୟାନସର ହୋଇଛି ।ସେଥିରେ ଭୟ କରିବାର କ'ଣ ଅଛି ।ମଣିଷ ସଂସାରକୁ ଆସିଛି ମାନେ ଦିନେ ନା ଦିନେ ମରିବ ।ତେଣୁ ତମେମାନେ କେହି ବ୍ୟସ୍ତ ହୁଅନି ।ମୋର ସମୟ ଆସିଲାଣି ।ତୋ ବାପା ସବୁଦିନ ମୋତେ ତାଙ୍କ ପାଖକୁ ଯିବାକୁ ଡାକୁଛନ୍ତି।

ମୋ ଯିବା ପରେ ତମେମାନେ ଯେତେକ ସଂପତ୍ତି ଅଛି ସମାନ ଭାବରେ ଦୁଇଭାଇ ବାଣ୍ଟିନେବ ।କେହି ଅଶାନ୍ତି ହେବନାହିଁ।

ଗାଁ ଘରେ ସିନ୍ଦୁକରେ ଦୁଇଟି ରୂପା ବଳା ଅଛି ସେଇଟା ମୋ ନାତୁଣୀକୁ ଦେବୁ । ସେତିକି ତୋ ବାପାଙ୍କର ଶେଷ ସନ୍ତକ।ମୁଁ ତା' ପାଇଁ ସାଇତି ରଖିଥିଲି । ମୋ ନାତୁଣୀକୁ ଭଲ ମାନିବ ଏତିକି କହିସାରିବା ପରେ ରମାମଣୀ ଆଖି ବୁଜିଦେଲେ।

ବୁଲୁ ବୋଉ ମୁହଁକୁ ଚ଼ାହିଁ ରହିଥାଏ।

*ବାରିପଦା,ମୟୂରଭଞ୍ଜ*
ମୋ: ୮୯୧୭୫୬୭୧୨୦୨

# ବର୍ଷାର ଛିଟା


ପୂର୍ଣ୍ଣଚ଼ନ୍ଦ୍ର ବହଳୀ

ପ୍ରଥମ ଥର ତାଙ୍କ ଭେଟ ହୋଇଥିଲା ଏକ ବର୍ଷା ଦିନରେ ଲାଇବ୍ରେରୀ ପାଖରେ ଯେତେବେଳେ ଏକ ଛୋଟ ବେଞ୍ଚ ଉପରେ ଝିଅଟି ବସିଥିବା ବେଳେ ପୁଅଟିଏ ଅନ୍ୟମନସ୍କ ଭାବେ ଆସି ବସିଯାଇଥିଲା,ତାଙ୍କ ହାତରେ ଥିଲା ଏକ କବିତା ବହି ଯାହା ବର୍ଷାରେ ଭିଜିଯାଇଥିଲା । ଯେତେବେଳେ ଦେଖିଲା ଝିଅଟିଏ ସେଠାରେବସିଛି ବିକ୍ରମ ଟିକେ ହସିଦେଲେ ।

ଝିଅଟି ପୁଅଟିକୁ ଦେଖି ପଚ଼ାରିଲେ ମୋତେ ଦେଖି ହସିଲେ କାହିଁକି । ପୁଅଟି କହିଲା ଏ ବର୍ଷଣ ମୁଖର ଦିନରେ ପାଖରେ ଝିଅଟିଏ ବସିବା ଦେଖି ହସ ଆସିଗଲା । କବିତାଟିଏ ଲେଖା ଯାଇ ପାରିବ ।

ଝିଅଟି କହିଲା ଆପଣ କଣ କବି... ଆପଣଙ୍କ ନାମ.. ଓ ପୁଅଟି କହିଲା ମୋ ନାମ ବିକ୍ରମ.. କବିତା କୁ ମୁଁ ବହୁତ ଭଲ ପାଏ । ଆଉ ଆପଣଙ୍କ ନାମ...

ମୋ ନାମ ଅନ୍ୱେଷା । ମୁଁ ବି କବିତା ଲେଖିବାକୁ ଭଲ ପାଏ କିନ୍ତୁ କେତେବେଳେ କେମିତି.. ଓ ହେଲେ ଆପଣ କବି ହୋଇ ନିଜ ବହିଟିକୁ ଭିଜାଇ ଦେଲେ କେମିତି।

ବିକ୍ରମ କହିଲେ ବହି ଭିଜି ନାହିଁ.. ବର୍ଷାର ଛିଟା ପଡିଛି..ଏବେ ମୋ ପାଖରେ ତୁମେ ..ଏ ସବକୁ ନେଇ ଭଲ କବିତାଟିଏ ଲେଖାଯାଇ ପାରିବ।

ଅନ୍ୱ ?ଷା ହସିଦେଲେ । ସେବେଠାରୁ ଆରମ୍ଭ ହୋଇଗଲା ଅକୁହା ପ୍ରେମ ।

ବର୍ଷା ପ୍ରତିବର୍ଷ ଆସୁଥିଲା, ଓ ସେମାନେ ସେହି ବେଞ୍ଚ ଉପରେ ବସି ବର୍ଷାରେ ଅନେକ କବିତା ଲେଖୁଥିଲେ, ଚ଼ା ଖାଉଥିଲେ, କେତେକଣ ଗପୁଥିଲେ । କିଏ କଣ କରୁଛି, କାହାର ଘର କେଉଁଠି, ପରସ୍ପର କେହି ଜାଣିବାକୁ କେବେ ଇଚ୍ଛା କରିନାହାନ୍ତି ।

କିନ୍ତୁ ସେହିଭଳି ଏକ ବର୍ଷା ଦିନରେ ବିକ୍ରମ ଦେଖିଲା ବେଞ୍ଚ ଖାଲି । କିନ୍ତୁ ବେଞ୍ଚ ଉପରେ ବହିଟିଏ ରହିଛି କ୍ଷ ବହିଟିକୁ ଖୋଲିବା ପରେ ଭିତର ଏକ ପତ୍ର ତା ଭିତରେ ଥିବାର ଦେଖିଲେ ।

ପତ୍ରଟି ଖୋଲି ଦେଖିଲେ - ଲେଖା ଅଛି ଯଦି ମୁଁ ଫେରି ନ ଆସେ, ଭାବି ନେବ - ବର୍ଷା ମୋତେ ନିଜର କରି ନେଇଛି ।

ବହୁ କବିତାକୁ ବୁଝି ହେଉ ନଥିବା ଭଳି ଏ ଧାଡିକିଆ କବିତାର ଅର୍ଥ ବିକ୍ରମ କବି ହୋଇ ମଧ ବୁଝି ପାରୁ ନଥିଲେ କ୍ଷ କାରଣ ସେ କବି କ୍ଷ ଜାଣିଛନ୍ତି ସେ ବି ଯେଉଁ କବିତା ଲେଖନ୍ତି ବା ପଢ଼ନ୍ତି ଅନେକ ବୁଝି ପାରନ୍ତି ନାହିଁ । ତେଣୁ ଏହାର ଅର୍ଥକୁ କିପରି ନେବେ। ସେ ଆଉ କାହାର ହୋଇଗଲେ ନା କୌଣସି ଅସୁବିଧା ପାଇଁ କିଛି କରି ବସିଲେ.. କିଛିନାହିଁ କହି ଚ଼ାଲିଗଲେ କେମିତି.. ଓ ପ୍ରତିବର୍ଷ ଏହିଭଳି ବର୍ଷା ଆସେ, ବେଞ୍ଚ ଅଛି, ବର୍ଷା ଓ ଚ଼ା ଅଛି — କିନ୍ତୁ ଅନ୍ୱେଷା ନାହାନ୍ତି । ହଁ ବିକ୍ରମ ଏକା ଏକା ବସନ୍ତି ବିମର୍ଷ ଭାବେ ବହୁ ସମୟ । କୌଣସି ଗୋଟେ ହସୁଥିବା ଝିଅକୁ ଦୂରରେ ଦେଖିଲେ ଭାବନ୍ତି ସେନ୍ୱେଷା ନୁହନ୍ତି ତ.. ଅନ୍ୟମନସ୍କ ଭାବେ ଯାଆନ୍ତି....ଫେରନ୍ତି ନିରାଶାରେ...

ବର୍ଷା ଏବେ ତାଙ୍କ ପାଇଁ ଆନନ୍ଦ ନୁହଁ — ବରଂ ଏକ ସ୍ମୃତି।

ପ୍ରତି ବର୍ଷ ବର୍ଷା ଦିନ ଆସିଲେ ବିକ୍ରମ ଆସି ବେଞ୍ଚ ଉପରେ ବସି ପଡନ୍ତି । ସେହିଭଳି ପୁଣି ଏକ ବର୍ଷା ଦିନ। ବିକ୍ରମ ସେହି ବେଞ୍ଚ ଉପରେ ବସି ସ୍ମୃତିରେ ବିଲୀନ । ହାତରେ ଚ଼ା, ନୟନରେ ଜିଜ୍ଞାଷା — ଅନ୍ୱେଷା ପାଇଁ ତାଙ୍କ ଅନ୍ତରର ଅଗୋଚ଼ର ଆକୁଳତା।

ହଠାତ ଜଣେ ମହିଳା ଆସି ଶାନ୍ତ ସ୍ୱରରେ କହିଲେ —

"ଏଠି ଆଜି ବସିବା ପାଇଁ ଅନୁମତି ମିଳିବ କି.. ବିକ୍ରମ ସେ ସ୍ୱର ସହିତ ପରିଚ଼ିତ କ୍ଷ ବିଶ୍ୱାସ କରିପାରିଲେ ନାହିଁ । କହିଲେ ଅନ୍ୱେଷା... ଅନ୍ୱେଷାଙ୍କ ଚେହେରାରେ ଅନେକ ପରବର୍ତ୍ତନ...

ବିକ୍ରମ ଟିକେ ହସିଦେଲେ ।

ଅନ୍ୱ ?ଷା କହିଲେ କଣ ପାଇଁ ହସିଲ । ସେତେବେଳେ ସିନା ପାଖରେ ଅଜଣା ଝିଅ ଦେଖିଥିଲେ । ଏବେ ତ ମୁଁ ପୁରୁଣା.. ନୂଆ ନୁହେଁ ବିକ୍ରମ କହିଲେ ତୁମେ ଏବେ ବି ମୋ ପାଇଁ ନୂଆ । ହଜି ଯାଇଥିବା ଜିନିଷକୁ ବହୁ ବର୍ଷ ପରେ ପାଇବାର ଆନନ୍ଦ ତାହା କେବଳ ନୂଆ ଲାଗେ ନାହିଁ ତା ଠାରୁ ଅଧିକ । ବର୍ଷ ବର୍ଷ ଧରି ଅନ୍ତରରେ କୋହ ଯାହା ଆଖି ଭିଜାଉଥିଲା ଆଜି ନିଜକୁ ବର୍ଷାରେ ଧୋଇଦେବା ପାଇଁ ଇଚ୍ଛା ହେଉଛି.... । ଏତେବର୍ଷ ଧରି କୁଆଡେ ରହିଗଲ..... ବାଷ୍ପରୁଦ୍ଧ କଣ୍ଠରେ ପଚ଼ାରିଲେ ବିକ୍ରମ ।

ମୁଁ ଚ଼ାଲିଯାଇଥିଲି ବହୁ ଦୂରକୁ । ମୋ ଉପରେ ଥିଲା ଘରର ଦାୟିତ୍ୱ । ମୁଁ ଥିଲି ଘରର ପୁଅ ବି ଝିଅ ବି । ଏଠାରେ ରହି ମୁଁ ଅନୁଭବ କଲି ତୁମ ସହ ଅଧିକ ଦିନ ଧରି ସମୟ କଟାଇଲେ ବୋଧେ ମୋ ନିଜ କର୍ତ୍ତବ୍ୟ ଠିକ ରୂପେ କରି ପାରିବି ନାହିଁ । ତେଣୁ ଚ଼ାକିରୀ ଅନ୍ୱେଷଣ ସହ ଘର ଦାୟିତ୍ୱ ତୁଲାଇବା ପାଇଁ ଚ଼ାଲି ଯାଇଥିଲି ବହୁ ଦୂରକୁ କ୍ଷ ଗଲାବେଳେ ଭାବିଥିଲି ଯଦି ମୁଁ କେବେ ଫେରେ ଓ ତୁମକୁ ପାଏ ତେବେ ଜାଣିବି ତୁମେ ହିଁ ମୋର ପ୍ରକୃତ ସାଥୀ....

ମୁଁ ବିବାହିତ ନୁହେଁ। ମୁଁ ନିଜକୁ ଗଢ଼ିଛି ଓ ଦୁଃଖ ସୁଖ ଭିତରେ ଶକ୍ତି ପାଇଛି । ମୁଁ ଆସିଛି କୌଣସି ଅନୁତାପ ପାଇଁ ନୁହେଁ.. ପୁନଃମିଳନ ପାଇଁ ନୁହେଁ.. କେବଳ ଅନ୍ତିମ ଶାନ୍ତି ପାଇଁ..

ମୁଁ ବି ଏବେ ଏକା ଅନ୍ୱେଷା...କେବଳ ସାଥୀ ଏଇ ବର୍ଷା ଓ ବେଞ୍ଚ ।

---ଯଦି ଆପତ୍ତି ନ ଥାଏ ଆମେ ଦୁଇଜଣ ଅନ୍ତିମ ଶ୍ୱାସ ଥିବା ଯାଏ ସାଥିରେ ରହି ପାରିବା କି....

ଅନ୍ୱ ?ଷା ବିକ୍ରମର ହାତ ଧରି ଟାଣିନେଇଥିଲେ ବର୍ଷାରେ ଭିଜିବା ପାଇଁ.. କବିତାରେ ଫୁଟି ଉଠିବ ବିରହ ବେଦନାର ନୂଆ ନୂଆ ଶବ୍ଦ.... କିଛି ଅନୁଭବ ଓ ଅନୁଭୂତିକୁ ନେଇ.....ବିଶ୍ୱାସ କରି ପାରୁ ନଥିଲେ ଅନ୍ୱ ?ଷା ବିକ୍ରମ ବି ଏତେ ବର୍ଷ ଧରି ଅଛନ୍ତି ତାଙ୍କ ଅପେକ୍ଷାରେ....।

'ଶିବାନୀ', ସମ୍ପାଦକ,
ଭଦ୍ରକ

୭୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ




# କିଟ୍ ଓ କିସ୍‌ରେ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, (ପି.ଏନ) : କିଟ୍, କିସ୍, କିମ୍‌ସ, କିଟ୍ ପବ୍ଲିକ୍ ସ୍କୁଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ୭୯ତମ ସ୍ୱାଧୀନତା ଦିବସ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। କିସ୍ ପରିସରରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇବା ସହ ଛାତ୍ରଛାତ୍ରୀଙ୍କୁ ଉଦ୍ଦେଶ୍ୟରେ ଉଦବୋଧନ ଦେଇ କହିଲେ, ଜନଜାତିଙ୍କ ବିକାଶ ହେଲେ ଦେଶର ସାମଗ୍ରିକ ବିକାଶ ହୋଇପାରିବ। କିସ୍ ଦୀର୍ଘ ୩୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଜରିଆରେ ଜନଜାତିଙ୍କ ବିକାଶରେ ନିଜକୁ ନିୟୋଜିତ କରିଆସିଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ ପାଠ ପଢ଼ି ଭଲ ମଣିଷ ହୋଇ ଦେଶର ନାଁ ରଖିବାକୁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଶରଣଜିତ ସିଂହ ପତାକା ଉତ୍ତୋଳନ କରିଥିବା ବେଳେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍କୁଲ୍‌ର ଚେୟାରପର୍ସନ ଡ ମୋନାଲିସା ବଳ, କିମ୍‌ସରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ କ୍ୟାମ୍ପସ୍‌ରେ ହୋଇଥିବା ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଅଧକ୍ଷ ଡ. ସଞ୍ଜୟ ସୁଆର ଓ କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର. ସି ଦାସଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ମନ୍ଦିରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, (ପି.ଏନ): ନୀଳାଦ୍ରୀବିହାର ସରସ୍ୱତୀ ଶିଶୁ ମନ୍ଦିରରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପଡିଆରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚନ୍ଦକା ଏସଓଜିର ଡେପୁଟି କମାଣ୍ଡର ରାମଚନ୍ଦ୍ର ପ୍ରଧାନ ଯୋଗଦେଇ ପତାକା ଉତୋଳନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଦେଶକୁ ସ୍ୱାଧୀନତା ପ୍ରଦାନ କରିଥିବା ସଂଗ୍ରାମୀ ମାନଙ୍କର ବଳିଦାନ ଯୁଗଯୁଗ ପଇଁ ଅମର ରହିବ। ଭାରତର ପ୍ରଗତିରେ ବର୍ହିଦାଶୀୟ ଓ ଅର୍ନ୍ତଦେଶୀୟ ଶତ୍ରୁ ଗୋଷ୍ଠୀ ବାଧକ ସୃଷ୍ଟି କରୁଛନ୍ତି। ତୁମ ମାନଙ୍କର ଦେଶପ୍ରେମ ଓ ତ୍ୟାଗ ଦେଶକୁ ଆଗାମୀ ଦିନରେ ବଳିଷ୍ଠ କରି ଗଢିତୋଳିବ। ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା ସମିତିର ଉପସଭାପତି ଅବସରପ୍ରାପ୍ତ ପ୍ରଧାପକ ପଙ୍କଜ କୁମାର ଜର, କୋଷାଧକ୍ଷ ଅନ କୁମାର ତାହା, ସଭ୍ୟା ସୁବାସିନୀ ଜେନା, ଅଧକ୍ଷ ପ୍ରଦୀପ କୁମାର ସାହୁ, ବିଦ୍ୟାଳୟର ପ୍ରଦାନ ଆଚାର୍ଯ୍ୟ ନେତ୍ରନନ୍ଦ ଜେନା, ସହ ପ୍ରଧାନ ଆଚାର୍ଯ୍ୟ କେଦାରନାଥ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ପରେଡ କରି କଲୋନୀ ପରିକ୍ରମା କରିଥିଲେ। ଘୋଷ ବାହିନୀ, ସ୍କାଉଟ୍ ଓ ଗାଇଡ୍, ରେଡକ୍ରସ ବାହିନୀ, ଝାଙ୍କି ଓ ଶିଶୁ ଭାଇଭଉଣୀମାନଙ୍କର ବୀର ଓ ବୀରାଙ୍ଗନା ବେଶ ସମସ୍ତଙ୍କୁ ଆକର୍ଷିତ କରିଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ମିଷ୍ଟାନ୍ନ ବଂଟନ କରାଯାଇଥିଲା।

# ଇଫକୋ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ଉତ୍ସାହ ଉଦ୍ଦୀପନା ସହ ପାଳିତ





ପାରାଦୀପ,(ପି.ଏନ):ଭାରତୀୟ କୃଷକ ସାର ସମବାୟ (ଇଫକୋ) କମ୍ପାନୀ ପରିସରରେ ଆୟୋଜିତ ୭୯ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନା ସହ ଅଗଷ୍ଟ ୧୫ ତାରିଖ ଶୁକ୍ରବାର ଦିନ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ୟୁନିଟ୍ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇ ଜନସାଧାରଣ ଙ୍କ ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟରେ ସମସ୍ତ କର୍ମଚାରୀ ଓ ଶ୍ରମିକ ମାନଙ୍କ ସହଯୋଗ ଅତ୍ୟନ୍ତ ସ୍ମରଣୀୟ ବୋଲି ଉଲ୍ଲେଖ କରିଥିଲେ କ୍ଷ ଶ୍ରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କରିବା ପରେ ଇଫକୋ ପାଇଁ ଅନେକ ଗୁଡ଼ିଏ ସଫଳତା ଆଣି ଦେଇଛନ୍ତି। ଏଥିସହ ଚଳିତବର୍ଷ ଆୟୋଜିତ ହୋଇଥିବା ଆଇୟୁସିଏଫ କାର୍ଯ୍ୟକ୍ରମରେ ପାରାଦୀପ ୟୁନିଟ୍ ଶ୍ରେଷ୍ଠ ପୁରସ୍କାର ହାସଲ କରିଥିଲା। ତାସହିତ ଇଫକୋ ପାରାଦୀପ ୟୁନିଟ୍ ରାଜ୍ୟର କ୍ଷୁଦ୍ର ତଥା ଲଘୁ ଉଦ୍‌ଯୋଗ ମାନଙ୍କୁ ସହଯୋଗର ହାତ ବଢ଼ାଇଥିବାରୁ ସେଥିପାଇଁ ରାଜ୍ୟ ଶିଳ୍ପ ବିଭାଗ ପକ୍ଷରୁ ଇଫକୋ ପାରାଦୀପ ୟୁନିଟ୍ କୁ ଶ୍ରେଷ୍ଠ ପ୍ଲାଣ୍ଟ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ବିଗତ ଦିନରେ ପାରାଦୀପ ୟୁନିଟର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିବା ଶ୍ରୀ କେ.ଜେ.ପଟେଲ୍ ବର୍ତ୍ତମାନ ଇଫକୋ ର ପରିଚାଳନା ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଥିବାରୁ ସେ ଏଥିପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଆନ୍ତରିକତାର ସହ ସାଧୁବାଦ ଜଣାଇଥିଲେ। ଏଥିପାଇଁ ଶ୍ରୀ ମହାପାତ୍ର ଏହାର ଶ୍ରେୟ କମ୍ପାନୀ ର ଅଧିକାରୀ, କର୍ମଚାରୀ ଓ ଶ୍ରମିକ ମାନଙ୍କୁ ସଦା ସର୍ବଦା ପ୍ରଦାନ କରିଛନ୍ତି। ତେବେ ଏଥିରେ ଆଗାମୀ ଦିନରେ ଇଫକୋ ନାନୋ ତରଳ ସାର ଉତ୍ପାଦନ କରି ବିଶ୍ୱରେ ଏକ ବିରଳ ଇତିହାସ ରଚ଼ିବାକୁ ଯାଉଛି। ଏଥିପାଇଁ ଶ୍ରୀ ମହାପାତ୍ର ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଛନ୍ତି। ତେବେ ଇଫ୍‌କୋରେ ଏହି ୭୯ ତମ ସ୍ୱାଧିନତା ଦିବସ ପାଳନ କରାଯିବା ଅବସରରେ, ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ, ୟୁନିଅନ୍ ଏବଂ ଆସୋସିଏସନ୍ ର ସଦସ୍ୟ ଏବଂ ଇଫ୍‌କୋ ଟାଉନସିପ୍‌ର ବାସିନ୍ଦାମାନେ ପିଲାମାନଙ୍କ ଗହଣରେ ପାଳନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପି.କେ.ମହାପାତ୍ର ଙ୍କୁ ବିଭିନ୍ନ ପଦାଧିକାରୀ ଓ କର୍ମଚାରୀ ମାନେ ଭବ୍ୟ ସ୍ୱାଗତ ଜଣାଇ ଥିଲେ। ଏହାପରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସାମୁହିକ ଭାବେ ଜାତୀୟ ସଙ୍ଗୀତ ଜନ ଗଣ ମନ ଅଧିନାୟକ ଗାନ କରିଥିଲେ। ପରେ ଆୟୋଜିତ ଚିତ୍ତାକର୍ଷକ ପ୍ୟାରେଡ୍ ସୋ କୁ ଦେଖିବା ପାଇଁ ଶତାଧିକ ଲୋକେ ଏକତ୍ରିତ ହୋଇ ଭରପୁର ଉପଭୋଗ କରିଥିଲେ। ଇଫକୋ କମ୍ପାନୀ ର ସୁରକ୍ଷା କର୍ମଚାରୀ, ଏସଆଇଏସ ସୁରକ୍ଷା କର୍ମୀ,ଇଫକୋ ଡିଏଭି ସ୍କୁଲର ଛାତ୍ରଛାତ୍ରୀ ମାନେ ଚମତ୍କାର ପ୍ୟାରେଡ୍ ରେ ଅଂଶଗ୍ରହଣ କରି ମୁଖ୍ୟ ଅତିଥି ଙ୍କୁ ଅଭିଭାଦନ ଜଣାଇଥିଲେ। ଏହାପରେ ଆୟୋଜିତ ଭବ୍ୟ ସମାବେଶକୁ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ତାଙ୍କ ଭାଷଣରେ, ଶ୍ରୀ ପି.କେ.ମହାପାତ୍ର 'ସ୍ୱାଧୀନତା ଦିବସ ପାଳନର ଗୁରୁତ୍ୱ ଏବଂ ଏଥିରେ ଭାରତର ନାଗରିକଙ୍କ କର୍ତ୍ତବ୍ୟ' ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ସ୍ୱାଧୀନ ଭାରତର ମୂଲ୍ୟବୋଧକୁ ସୁରକ୍ଷା ଓ ନିରାପତ୍ତା ଦେବାରେ ଭାରତୀୟ ନାଗରିକ ମାନଙ୍କର କର୍ତ୍ତବ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆହୁରି ବିସ୍ତାର ଭାବେ ବର୍ଣ୍ଣନା କରି କହିଥିଲେ ଏବଂ ପ୍ରତ୍ୟେକ କର୍ମଚାରୀଙ୍କୁ ଦେଶ ପ୍ରତି ସମର୍ପିତ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଇଫ୍ ?କୋର ଅଭିବୃଦ୍ଧି ପାଇଁ ଇଫ୍ ?କୋ କର୍ମଚାରୀଙ୍କ 'ଜାତୀୟ ସଫଳତା ଏବଂ ଅବଦାନ'କୁ ସ୍ୱୀକାର କରି ଏହାକୁ ଆହୁରି ଦ୍ୱିଗୁଣିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେ ଆହୁରି ସୂଚନା ଦେଇଥିଲେ ଯେ ଇଫକୋ ସମାଜ ପ୍ରତି ଏହାର ପ୍ରତିବଦ୍ଧତାରେ ବିଶ୍ୱାସ କରେ - କାରଣ ଏହା ଏକ ସମବାୟ ସମାଜ ଯାହା ଦେଶର କୃଷକମାନଙ୍କୁ ସାହାଯ୍ୟ ଏବଂ ଉନ୍ନତି କରିବା ପାଇଁ ଉଦ୍ଦିଷ୍ଟ। ତା ସହିତ ଦେଶର ପ୍ରାୟ ୪୦ ପ୍ରତିଶତ ସାର ଏକମାତ୍ର ଇଫକୋ ହିଁ ଯୋଗାଇବାରେ ସକ୍ଷମ ହେଉଛି। ଏହି ଅବସରରେ,ଡିଏଭି ପବ୍ଲିକ୍ ସ୍କୁଲ ର ଛାତ୍ରଛାତ୍ରୀ ଏବଂ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦର୍ଶକମାନେ ମାନେ ଇଫକୋ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଓ ପ୍ରଦର୍ଶନକୁ ବେଶ୍ ପ୍ରଶଂସା କରିଥିଲେ।

# ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେରଠାରେ ସ୍ୱାଧୀନତା ଦିବସ ଅବସରରେ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜିତ



ଗୋଲାମୁଣ୍ଡା, (ପି ଏନ): ଆଧାତ୍ମିକ ଗୁରୁ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଜୀ ଙ୍କର ଆର୍ଟ ଅଫ ଲିଭିଙ୍ଗ ତତ୍ତ୍ୱାବଧାନରେ ବେଦ ବିଜ୍ଞାନ ବିଦ୍ୟାପୀଠ ଦ୍ୱାରା ପରିଚ଼ାଳିତ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଲିମସେର ଗ୍ରାମର ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଗୀତ, ନୃତ୍ୟ, ପ୍ରବନ୍ଧ, ବକ୍ତୃତା, ଚ଼ିତ୍ରାଙ୍କନ ତଥା ଅନ୍ୟାନ୍ୟ କଳା ପ୍ରତିଭା ବିକାଶ ସକାଶେ ପ୍ରତିଯୋଗିତା କାର୍ଯକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପ୍ରଧାନ ଗୁରୁଜୀ ସରୋଜ କୁମାର ଟୋଲଟିଆଙ୍କ ଆହ୍ୱାନ କ୍ରମେ ସମସ୍ତ ଗୁରୁଜୀ ଓ ଗୁରୁମାତାଙ୍କ ପ୍ରୟାସରେ ପ୍ରତିଯୋଗିତା କାର୍ଯକ୍ରମ ମନମୁଗ୍ଧ କର ହୋଇପାରିଛି। ଗତ ୧୩ ତାରିଖରେ ଡ୍ରାଇଂ ଓ ରଚ଼ନା ପ୍ରତିଯୋଗିତା ଛାତ୍ର ଛାତ୍ରୀମାନଙ୍କୁ ନେଇ କରାଯାଇ ଥିବା ବେଳେ ୧୪ ଓ ୧୫ତାରିଖ ଦିନ ନୃତ୍ୟ,ଗୀତ ଓଡିଆ ବକ୍ତୃତା ଓ ଇଂରାଜୀ ବକ୍ତୃତା ଆଦି ଅନ୍ୟାନ୍ୟ ପ୍ରତିଯୋଗିତା କାର୍ଯକ୍ରମ ଆୟୋଜିତ ହୋଇ ଯାଇଛି। ଏଥିରେ ସହ - ଗୁରୁଜୀ ମଣ୍ଟୁ ଛତ୍ରିଆ, ଜଗଜ୍ଜିବନ ସା, ରାକେଶ ଚ଼ଣ୍ଡୀ, ଅରୁଣି ବିଶି, ଦୀନବନ୍ଧୁ ପଟେଲ, ଚୈତନ୍ୟ ବାଗ, ରଶ୍ମିତା ବିଶି, ପ୍ରଣତି ନାଏକ, ଜିତେନ୍ଦ୍ର ନାଏକ, ଅର୍ଚ୍ଚନା ଟୋଲଟିଆ , କୃଷ୍ଣ ମଶ୍ରା , ଜନ ଗଉଡ, ପ୍ରେମଲତା କେତକୀ, ତନୟା ମେହେର, ବବିତା ଗୋପାଳ, ଚ଼ିତ୍ରସେନ ଛତ୍ରିଆ ଅନ୍ୟାନ୍ୟ କର୍ମଚ଼ାରୀ ତଥା ଅଭିଭାବକ ବୃନ୍ଦ ଯୋଗ ଦେଇ ଥିଲେ। ଏଥିରେ ୨୦୦ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ଥିବା ବେଳେ ପ୍ରତିଭା ଚୌଧୁରୀ, ସୁମିତ୍ରା ପଟେଲ, ଟେବାକାନ୍ତି ବିଶି, ଐଶ୍ୱର୍ଯ୍ୟ ପଟେଲ, ଯାଜ୍ଞାସେନି ରଣା, ତପସ୍ୱିନୀ ମେହେର, ବିନୋଦିନୀ ଟୋଲଟିଆ , ନିବେଦିତା କେତକୀ, ବବିତା ସେଠୀ,କାଜଲ ମେହେର, ବାସନ୍ତୀ ଗଏତା, ମୀରା ଟୋଲଟିଆ, ପ୍ରୀୟାଂସି ପଟେଲ, ସୋନମ୍ ଚୌଧୁରୀ, ଭାରତୀ ଅଗ୍ରିଆ, ତନୁଜା ପଟେଲ, ଲିପ୍ସା ମେହେର ତଥା ଅନ୍ୟାନ୍ୟ ଛାତ୍ର ଛାତ୍ରୀ କଳା ପ୍ରଦର୍ଶନ କରି କୃତୀ ବିଜୟୀ ହୋଇଛନ୍ତି।

# ଆୟୁଷ୍ମାନ ଭାରତ ଓ ରାଜ୍ୟର ସ୍ୱାସ୍ଥ୍ୟ ସେବାର ଦୁରାବସ୍ଥାକୁ ନେଇ ରାଜ୍ୟସ୍ତରୀୟ ଗୋଲ ଟେବୁଲ ବୈଠକ

ଭୁବନେଶ୍ୱର,(ପି.ଏନ): ଜନସ୍ୱାସ୍ଥ୍ୟ ଅଭିଯାନ (ଓଡ଼ିଶା), ଆଗାମୀ ଓଡ଼ିଶା ଓ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ "ଆୟୁଷ୍ମାନ ଭାରତ ଓ ସ୍ୱାସ୍ଥ୍ୟ ସେବାର ଦୁରାବସ୍ଥା" ବିଷୟରେ ଏକ ରାଜ୍ୟସ୍ତରୀୟ ଗୋଲ ଟେବୁଲ ବୈଠକଅନୁଷ୍ଠିତ ହୋଇଯାଇଛି। ଆଗାମୀ ଓଡ଼ିଶାର ଆବାହକ ଶ୍ରୀ ସୁଦର୍ଶନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ୨୦ଟି ଜିଲ୍ଲାରୁ ୧୨୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଥିବା ବେଳେ ରୋଗୀ ଅଧିକାର ଗୋଷ୍ଠୀ, ସ୍ୱାସ୍ଥ୍ୟ କର୍ମୀ, ସ୍ୱାସ୍ଥ୍ୟ ନୀତି ବିଶେଷଜ୍ଞ, ନାଗରିକ ସମାଜ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମାଜିକ କର୍ମୀ, ଉପେକ୍ଷିତ ବୀମା କାର୍ଡଧାରୀ ପ୍ରମୁଖ ଯୋଗଦେଇ ଆୟୁଷ୍ମାନ ଭାରତ ଯୋଜନାରେ ବିଭିନ୍ନ ସମସ୍ୟାଗୁଡିକ ଉପରେ ଆଲୋକପାତ କରିବା ସହ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର ଆୟୁଷ୍ମାନ ଭାରତ ଯୋଜନାର ଦୁରାବସ୍ଥା ସମ୍ପର୍କରେ ଏକ ବିଷଦ ରିପୋର୍ଟ ବୈଠକରେ ଉପସ୍ଥାପନ କରି କହିଲେ ଯେ, ସରକାରୀ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା, ଯାହାର ଫଳସ୍ୱରୂପ ସମସ୍ତ ରୋଗୀ ମାଗଣା ସ୍ୱାସ୍ଥ୍ୟ ସେବା ପାଇପାରିବେ। ବର୍ତ୍ତମାନର ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରି ଆୟୁଷ୍ମାନ ଭାରତ–ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଓଡ଼ିଶା ଜନସଂଖ୍ୟାର ପ୍ରାୟ ୮୦ % ଅର୍ଥାତ୍ ୧.୦୩ କୋଟି ପରିବାରକୁ ସାମିଲ କରିଥିଲେ ବି, ଅନେକ ସମୟରେ କାର୍ଡଧାରୀମାନେ ସଫ୍ଟୱେର, ଆଧାର ଲିଙ୍କ, ବାୟୋମେଟ୍ରିକ, ଓଟିପି, ରୋଗୀଙ୍କ ଫୋଟୋ ପ୍ରଦାନ ଭଳି ହେଉଥିବା ସମସ୍ୟା ପାଇଁ ରୋଗୀମାନେ କାର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି ଓ ଅତିରିକ୍ତ ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେଉଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ଗରିବ ଲୋକମାନେ ସାମିଲ ହୋଇଥିବା ବେଳେ ବୟୋ ବନ୍ଦନା ଯୋଜନାରେ ଗରିବ ଲୋକଙ୍କ ଟିକସ ପଇସାରେ ଧନୀ ଲୋକଙ୍କୁ ଉନ୍ନତ ଚ଼ିକିତ୍ସା କରିବା ଫଳରେ ସାଧାରଣ ରୋଗୀମାନେ ଗୁରୁତ୍ୱର ଚ଼ିକିତ୍ସାରୁ ବଞ୍ଚିତ ହେଉଛନ୍ତି। ବେସରକାରୀ ହସ୍ପିଟାଲରେ ସରକାରଙ୍କ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ବକେୟା ଥିବାରୁ ସେମାନେ ସିଧାସଳଖ କାର୍ଡଧାରୀମାନଙ୍କୁ ଚ଼ିକିତ୍ସା ପ୍ରଦାନ କରିବାକୁ ମନାକରୁଛନ୍ତି।

# ବୃକ୍ଷ ଆମ ଜୀବିକା



**ଅର୍ଚ୍ଚନା ଟୋଲଟିଆ**

ମାଣିକେରା ନାମକ ଗାଁଟିଏ ଥାଏ। ଗାଁକୁ ଘେରି ଚ଼ାରିଆଡେ ଘଞ୍ଚ ଜଙ୍ଗଲ ରହିଥାଏ। ଗାଁର ଲୋକମାନେ ଜଙ୍ଗଲ ଗଛପତ୍ର କାଟି ବିକ୍ରି ? କରି ଜୀବନଯାପନ କରନ୍ତି। ସେହି ଗାଁର ଲୋକମାନେ ଜଙ୍ଗଲ କାଟି କାଟି ଅଧା ଜଙ୍ଗଲ ବୃକ୍ଷ ଶୂନ୍ୟ କରି ଦେଇଥାନ୍ତି। ଲୋକଙ୍କର ଧ୍ୟାନ ଥାଏ ଖାଲି ଗଛ କାଟି ନିଜ ପେଟ ପୋଷିବା। ସେହି ଗଛ କାଟୁ କାଟୁ ସେମାନେ ନିଜର କ୍ଷତି କରୁଛନ୍ତି ଏ କଥା କେହି ବି ବୁଝୁ ନ ଥିଲେ। ସେହି ଗଛଗୁଡିକର କରୁଣ ଚ଼ିତ୍କାର କାହା କାନରେ ମଧ୍ୟ ପଡୁ ନ ଥିଲା। ଦିନକର କଥା ସେହି ଗାଁର ଦୁଇ ଜଣ ପୁଅ। ଜଣକର ନାଁ ଜୋଶେଫ ଓ ଅନ୍ୟ ଜଣକର ନାଁ ରାକେଶ। ସେ ଦୁଇ ଜଣ ପରସ୍ପର ସାଙ୍ଗ। ସେ ଦୁହେଁ ମିଶି ଜଙ୍ଗଲ ଆଡକୁ ବୁଲିବା ପାଇଁ ଗଲେ। ସେ ଦୁହେଁ ଜଙ୍ଗଲ ସାରା ବୁଲି ଥକି ପଡି ଗୋଟେ ଗଛ ଛାଇରେ ବିଶ୍ରାମ ନେଲେ। ସେ ଦୁହେଁ ବସି ପରସ୍ପର କଥା ହେଲେ। ଜୋଶେଫ କହିଲା ରାକେଶକୁ, ଆରେ ସାଙ୍ଗ ଦେଖ୍ ତ ଆମେ ଯେତେବେଳେ ଛୋଟ ଥିଲୁ ସେହି ସମୟରେ ଏ ଜଙ୍ଗଲଟା ବହୁତ ସୁନ୍ଦର ଦେଖାଯାଉଥିଲା। ବିଭିନ୍ନ ଜାତିର ଗଛଲତାରେ ପରିପୂର୍ଣ୍ଣ ଥିଲା। ଏ ଜଙ୍ଗଲକୁ ପଶିବାକୁ ଡର ଲାଗୁଥିଲା। ଏବେ ରାତିଟାରେ ଜଙ୍ଗଲ ଆସିବାକୁ ଡର ଲାଗୁନି। ତା' କଥା ଶୁଣି ରାକେଶ କହିଲା, ଆରେ ସାଙ୍ଗ ତୁ ଠିକ୍ କହୁଛୁ। ଏ ଜଙ୍ଗଲଟା ଧିରେ ଧିରେ ନଷ୍ଟ ହେଇ ଯାଉଛି। ଦିନ ଆସିବ ଆମ ପିଲାଛୁଆଙ୍କ ସମୟରେ ଏ ସବୁ ସଫା ହୋଇଯାଇଥିବ ?। ସେଥିପାଇଁ ଆମକୁ ଏବେ ହିଁ କିଛି କରିବାକୁ ପଡିବ। ଜୋଶେଫ କହିଲା, ଆରେ ଆମେ ଦୁଇ ଜଣ କ'ଣ କରିବା ? ଗାଁ ଲୋକ କ'ଣ ଆମ କଥା ଶୁଣିବେ ? ରାକେଶ କହିଲା ,ଆରେ ସାଙ୍ଗ ଆମେ ଦୁଇ ଜଣ ମିଶି ଲୋକଙ୍କୁ ବୁଝାଇବା। ମୋର ବିଶ୍ୱାସ ଅଛି ସେମାନେ ନିଶ୍ଚୟ ବୁଝିବେ। ଦୁଇ ଜଣ ମିଶି ଗାଁ ଆଡକୁ ଫେରି ଆସିଲେ ଓ ଗାଁର ଲୋକମାନଙ୍କୁ ବୁଝେଇ କହିଲେ। ଆମେ ଯେମିତି ଭାବରେ ଗଛ କାଟି ଚ଼ିଳିଛୁ ଧିରେ ଧିରେ ପୁରା ଜଙ୍ଗଲ ସଫା ହୋଇଯିବ। ଆମେ ସମସ୍ତେ ତା' ପରେ ଯିବା କୁଆଡେ ? ଏବେ ଆମେ ଜଙ୍ଗଲକୁ ଜୀବିକା ନିର୍ବାହ କରିବା ପାଇଁ ନିର୍ଭର କରୁଛୁ। ଯେବେ ଏସବୁ ସଫା ହୋଇଯିବ ତା' ପରେ ବଞ୍ଚିବା ପାଇଁ ନିଜ ପେଟ ପୋଷିବା ପାଇଁ କୁଆଡେ ଯିବା ? ସେ ଦୁଇ ଜଣଙ୍କ କଥା ଶୁଣି ସମସ୍ତେ ଟିକେ ଚ଼ିନ୍ତା କରି କହିଲେ, ଆରେ ଏହା ତ ସତକଥା ! ଆମେ ଏତେ ବର୍ଷ ହେଲା ଖାଲି ଗଛ କାଟି ନିଜ ପେଟ ପୋଷୁଛେ ,ହେଲେ କେବେ ଏ ଜଙ୍ଗଲ ସଫା ହେଇ ଯାଉଛି ବୋଲି ଚ଼ିନ୍ତା କରୁନାହୁଁ। ଏ ଦୁଇ ଜଣ ସତ କହୁଛନ୍ତି। ଏ ଜଙ୍ଗଲ ସଫା ହୋଇଗଲେ ଆମକୁ ଗାଁ ଛାଡିବାକୁ ପଡିବ, ଅନ୍ୟ ଜାଗାରେ ବସତି ସ୍ଥାପନ କରିବାକୁ ହେବ। ଏମିତି ଭାବରେ ନିଜ ନିଜ ଭିତରେ କୁହା କୁହି ହେଲେ। ଯୋଶେଫ ଓ ରାକେଶ କହିଲେ ,ଚ଼ିନ୍ତା କର ନାହିଁ ଏବେ ବି ସମୟ ଅଛି। ଆମ ହାତରେ ଆମେ ସମସ୍ତେ ମିଶି ପୁଣି ଥରେ ଫେରି ପାଇବା। ସମସ୍ତ କହିଲେ କେମିତି ? ଦୁଇ ଜଣ କହିଲେ - ଆମେ ଯଦି ଗୋଟେ ଗଛ କାଟିବା ତା'ହେଲେ ସେହି ଜାଗାରେ ଆଉ ତିନୋଟି ଗଛ ଲଗାଇବା। ତେବେ ଯାଏଁ ଆମ ଜଙ୍ଗଲଟା ବଞ୍ଚିବ ଓ ଆମେ ଜୀବିକା ମଧ୍ୟ କରିପାରିବା। ସମସ୍ତେ ତାଙ୍କ ଦୁହିଁଙ୍କ କଥାରେ ହଁ ମାରିଲେ ଓ ସେହିଦିନ ଠାରୁ ସେମିତି ହିଁ ହେଲା ଜଙ୍ଗଲଟା ପୂର୍ବଭଳି ଘଞ୍ଚ ଅରଣ୍ୟ ଦେଖାଗଲା।

ସହ-ଶିକ୍ଷୟିତ୍ରୀ
ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେର,
ଗୋଲାମୁଣ୍ଡା, କଳାହାଣ୍ଡି







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray